# ଇସ୍‌ଲାମ୍‌ରେ
# ନାରୀ

ଇସ୍‌ଲାମ୍‌ରେ ନାରୀର ସ୍ଥିତି ସମ୍ବନ୍ଧରେ
ପାଶ୍ଚାତ୍ୟ ଦେଶମାନଙ୍କରେ କଳ୍ପିତ କଥାର ସ୍ପଷ୍ଟୀକରଣ

ମୁହମ୍ମଦ ଜଫ୍‌ରୁଲ୍ଲା ଖାନ୍

# ଇସ୍‌ଲାମ୍‌ରେ ନାରୀ (Islam re Nari)
# "Women in Islam"

**ଲେଖକ:** **ମୁହମ୍ମଦ୍ ଜଫ୍‌ରୁଲ୍ଲା ଖାନ୍**
ଜାତିସଂଘ ସାଧାରଣ ଅଧିବେଶନର ପ୍ରାକ୍ତନ ସଭାପତି
ତଥା ଆନ୍ତର୍ଜାତିକ ଅଦାଲତର ସର୍ବୋଚ୍ଚ ବିଚାରପତି ।

**ଅନୁବାଦକ:** ଡ଼ଃ. ଶେଖ୍ ସମ୍‌ସୁର୍, କେନ୍ଦ୍ରାପଡା

**ପ୍ରକାଶକ:** ନାଜର ନଶରୋ ଇଶାଅତ୍
ଅହମଦୀୟା ମୁସ୍‌ଲିମ୍ ଜମାଅତ୍, କାଦିୟାନ୍,
ଜିଲ୍ଲା : ଗୁରଦାସପୁର, ପଞ୍ଜାବ– ୧୪୩୫୧୬

**ପ୍ରକାଶନ ବର୍ଷ :** 2018 ମସିହା (ଦ୍ୱିତୀୟ ଓଡିଆ ସଂସ୍କରଣ)

**ମୁଦ୍ରଣ ସଂଖ୍ୟା:** 1000

**ମୁଦ୍ରଣ:** ଫଜଲେ ଉମର ପ୍ରିଂଟିଙ୍ଗ ପ୍ରେସ
କାଦିୟାନ, ଜିଲ୍ଲା : ଗୁରଦାସପୁର, ପଞ୍ଜାବ

ISBN :

# ପ୍ରାକ୍ କଥନ

ଅନେକ ସମାଜରେ ନାରୀ ଏବେ ମଧ୍ୟ ଏକ ଦ୍ୱିତୀୟ ଶ୍ରେଣୀ ନାଗରିକ ରୂପେ ପରିଗଣିତ ଏବଂ ପୁରୁଷବର୍ଗଙ୍କ ଦ୍ୱାରା ଉପଭୋଗ କରାଯାଉଥିବା ଅନେକ ମୌଳିକ ଅଧିକାରରୁ ବଞ୍ଚିତ । ଏହି ପାର୍ଥକ୍ୟକୁ ଦୃଢ଼ ବିରୋଧ କରିବା ସହିତ ସେମାନେ ନିଜ ପାଇଁ ସମାନ ସ୍ଥିତି ଦାବି କରି ଏକ ସଂଗ୍ରାମକୁ ସମର୍ଥନ କରୁଛନ୍ତି, ଯାହା ଦୁର୍ଭାଗ୍ୟବଶତଃ ଅଦ୍ୟାବଧି ଅତ୍ୟାଧୁନିକ ପାଶ୍ଚାତ୍ୟ ଦେଶ ସମୂହରେ କୌଶଳକ୍ରମେ ପ୍ରତ୍ୟାଖ୍ୟାନ କରାଯାଉଛି । ଯେହେତୁ ସମୟ ସଂପୂର୍ଣ୍ଣ ବଦଳି ଯାଇଛି ଓ ଅସଂଯମୀ ଜୀବନଚର୍ଯ୍ୟା ପାଇଁ ଆଧୁନିକ ସମାଜ ପଥ ଉନ୍ମୁକ୍ତ କରିଦେଇଛି; ପାଶ୍ଚାତ୍ୟ ଦେଶମାନେ ଅନେକ ସମୟରେ ଏକ ପୁରୁଷ ପ୍ରଧାନ ବିଶ୍ୱରେ ଇସ୍‌ଲାମର ନାରୀମାନଙ୍କୁ ଅନୁନ୍ନତ ବିବେଚନା କରନ୍ତି ।

ପକ୍ଷାନ୍ତରେ ଇସ୍‌ଲାମ୍ ହେଉଛି ସର୍ବପ୍ରଥମ ଧର୍ମ, ଯାହା ନାରୀକୁ ଏପରି ଏକ ସ୍ଥିତି ଯଥାବିଧି ପ୍ରଦାନ କରିଛି, ଯାହା କଦାପି ପୂର୍ବରୁ ଜଣା ନଥିଲା । ଇସ୍‌ଲାମ୍‌ର ମହାନ ଧର୍ମଗ୍ରନ୍ଥ ପବିତ୍ର କୁରଆନ୍‌ରେ ଶହ ଶହ ଏପରି ଶିକ୍ଷା ରହିଛି, ଯାହା ଉଭୟ ପୁରୁଷ ଓ ନାରୀମାନଙ୍କ ପାଇଁ ସମାନ ଭାବେ ପ୍ରଯୁଜ୍ୟ । ଇସ୍‌ଲାମ ଧର୍ମରେ ପୁରୁଷ ଓ ନାରୀମାନଙ୍କୁ ନୈତିକ, ଆଧ୍ୟାତ୍ମିକ ତଥା ଆର୍ଥିକ ସମାନତା ପ୍ରଦାନକୁ ପ୍ରଶ୍ନ କରାଯାଇ ପାରିବ ନାହିଁ । ପବିତ୍ର କୁରଆନ୍‌ର ନିର୍ଦ୍ଦିଷ୍ଟ କେତେକ ପଙ୍‌କ୍ତି, ଯହିଁରେ ପୁରୁଷ କିମ୍ବା ନାରୀକୁ ସମ୍ବୋଧନ କରାଯାଇଛି, ସେସବୁ କେବଳ ସେମାନଙ୍କର ଶାରୀରିକ ଗଠନରେ ବିଭେଦତା ବା ଇସ୍‌ଲାମ୍ ବିବେଚନା କରୁଥିବା ସମାଜର ନୈତିକ ତନ୍ତୁକୁ ରକ୍ଷା କରିବାରେ ପ୍ରତ୍ୟେକଙ୍କର ଭୂମିକା ସଂପର୍କୀତ ପ୍ରସଙ୍ଗ ।

ଏହି କ୍ଷୁଦ୍ର ପୁସ୍ତିକା ବହୁଳ ଭାବରେ ମୌଳିକ କୁରଆନ୍ ଶିକ୍ଷା ଉପରେ ଆଧାରିତ । ମୁସଲମାନ ନାରୀମାନେ ଉପଭୋଗ କରୁଥିବା ଅଧିକାର, ଇସ୍‌ଲାମ୍ ଦୃଷ୍ଟିରେ ସେମାନଙ୍କ କାର୍ଯ୍ୟାବଳୀର ପ୍ରଭେଦ, ବିବାହ, ଛାଡ଼ପତ୍ର, ବହୁପତ୍ନୀ ଗ୍ରହଣରେ ଧାରଣା କିପରି ସାମାଜିକ ଓ ନୈତିକ ମୂଲ୍ୟବୋଧ ଇସ୍‌ଲାମ୍‌ରେ ସଂରକ୍ଷିତ ହୋଇରହିଛି ତାହା ଏଥିରେ ବର୍ଣ୍ଣନା କରାଯାଇଛି । ପାଶ୍ଚାତ୍ୟ ଜଗତରେ ଭୁଲ ବୁଝାମଣାର ଶୀକାର ହୋଇଥିବା ଏପରି ଏକ ବିଷୟ ଉପରେ ମହତ୍ୱପୂର୍ଣ୍ଣ ରଚନା ପାଇଁ ମୁଁ ବିଶେଷତଃ ମୁହମ୍ମଦ ଜଫ୍‌ରୁଲ୍ଲା ଖାନ୍‌ଙ୍କ ନିକଟରେ କୃତଜ୍ଞ ।

**ଶେଖ୍ ମୁବାରକ ଅହମଦ୍**
ଇମାମ୍ ମସ୍‌ଜିଦ, ଲଣ୍ଡନ୍

# ମର୍ଯ୍ୟାଦାସୂଚକ ଉକ୍ତି

ସଅ – (ସ୍ୱଲ୍ଲଲ୍ଲାଃ ଅଲୈହେ ଓ୍ୱସଲ୍ଲମ୍) ଅର୍ଥାତ୍ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମୁହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ରଅ – (ରଜିଅଲ୍ଲାଃ ତା' ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ୍ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧିକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ଅନୁଚରମାନଙ୍କ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦା ସୂଚକ ସଂକେତ ସଂପୃକ୍ତ ମହାପୁରୁଷ, ଅବତାର ତଥା ସେମାନଙ୍କ ଅନୁଚରମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

# ଇସ୍‌ଲାମ୍‌ରେ ନାରୀ

ନାରୀ ଓ ପୁରୁଷମାନଙ୍କ ସଂପର୍କରେ ସ୍ୱର୍ଗୀୟ ବିଧାନର ବ୍ୟବସ୍ଥା ଇସ୍‌ଲାମୀୟ ନାରୀକୁ ସମ୍ମାନ ଓ ଶ୍ରଦ୍ଧାର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ପ୍ରଦାନ କରିଛି । ଏପରି ଉପାଦେୟ ବ୍ୟବସ୍ଥା ଶାନ୍ତି, ସୁଖ, ସ୍ୱାଚ୍ଛନ୍ଦ୍ୟ, ବଂଶ ବିସ୍ତାର ତଥା ପ୍ରଗତି ପାଇଁ ଅପରିହାର୍ଯ୍ୟ ।

ପବିତ୍ର କୁରଆନ୍ ଦୃଢ଼ ଭାବେ ଘୋଷଣା କରେ ଯେ ଅଲ୍ଲାଃ ତାଙ୍କର ତ୍ରୁଟିହୀନ ପ୍ରଜ୍ଞାରେ ପ୍ରତ୍ୟେକ ବର୍ଗକୁ ଯୋଡ଼ା କରି ସୃଷ୍ଟି କରିଛନ୍ତି । ତେଣୁ ପୁରୁଷ ଏବଂ ନାରୀମାନେ ଏକ ବର୍ଗରୁ ସୃଷ୍ଟ । ଯେପରି କୁହାଯାଇଛି :

**(୩୯ : ୭) :** ସେ ତୁମମାନଙ୍କୁ ଗୋଟିଏ ମାତ୍ର ଜୀବକୋଷରୁ ସୃଷ୍ଟି କରିଛନ୍ତି; ତା'ପରେ ସେଥିରୁ ତାହାର ଅନୁରୂପ ଯୋଡ଼ା ସୃଷ୍ଟି କରିଛନ୍ତି ।

**(୪୨ : ୧୨) :** ସେ ତୁମମାନଙ୍କ ମଧ୍ୟରୁ ତୁମମାନଙ୍କର ଅନୁରୂପ ଯୋଡ଼ା (ଅର୍ଥାତ୍ ସ୍ୱାମୀ ଓ ସ୍ତ୍ରୀ) ସୃଷ୍ଟି କରିଛନ୍ତି ।

**(୪ : ୨) :** ହେ ଲୋକମାନେ ! ତୁମେ ତୁମ ପାଳନକର୍ତ୍ତାଙ୍କ ପ୍ରତି ଥିବା କର୍ତ୍ତବ୍ୟ ପ୍ରତି ମନଯୋଗୀ ହୁଅ, ଯେକି ତୁମମାନଙ୍କୁ ଗୋଟିଏ ମାତ୍ର ଜୀବକୋଷରୁ ସୃଷ୍ଟି କରିଛନ୍ତି ଏବଂ ତନ୍ମଧ୍ୟରୁ ତାହାର ସାଥୀ ସୃଷ୍ଟି କରିଛନ୍ତି ଏବଂ ସେ ଉଭୟଙ୍କ ମଧ୍ୟରୁ ଅନେକ ପୁରୁଷ ଓ ନାରୀ ସୃଷ୍ଟି କରି ପୃଥିବୀରେ ବିସ୍ତାର କରିଛନ୍ତି ।

**(୭ : ୧୯୦) :** ସେ ହିଁ ତୁମମାନଙ୍କୁ ଗୋଟିଏ ମାତ୍ର ଜୀବକୋଷରୁ ସୃଷ୍ଟି କରିଛନ୍ତି ଏବଂ ତନ୍ମଧ୍ୟରୁ ତାହାର ଯୋଡ଼ା ତିଆରି କରିଛନ୍ତି, ଯେପରିକି ପୁରୁଷ ନାରୀ ପ୍ରତି ଅନୁରକ୍ତ ହୋଇ ସନ୍ତୋଷ ଲାଭ କରିବ ।

**(୩୦ : ୨୨) :** ଏବଂ ତାହାଙ୍କ ନିଦର୍ଶନଗୁଡ଼ିକ ମଧ୍ୟରେ ଏହା ମଧ୍ୟ (ନିଦର୍ଶନ ରୂପେ) ରହିଛି ଯେ ସେ ତୁମମାନଙ୍କ ବର୍ଗ ମଧ୍ୟରୁ ତୁମମାନଙ୍କ ସକାଶେ ଅନୁରୂପ ଯୋଡ଼ା ସୃଷ୍ଟି କରିଛନ୍ତି । ଯେପରିକି ତୁମେମାନେ ମାନସିକ ଶାନ୍ତି ଲାଭ କରିବା ପାଇଁ ତାଙ୍କରି ଆଡକୁ ଯିବ । ସେ ତୁମମାନଙ୍କ ମଧ୍ୟରେ ପ୍ରୀତି ଓ ଦୟାର ଭାବ ସ୍ଥାପନ କରିଛନ୍ତି; ଏଥିରେ ଚିନ୍ତାଶୀଳ ସଂପ୍ରଦାୟ ପାଇଁ ମହାନ ନିଦର୍ଶନ ରହିଛି ।

ଇସ୍‌ଲାମ୍ ଶିକ୍ଷା ଦିଏ ଯେ ମନୁଷ୍ୟକୁ ଅଲ୍ଲାଃଙ୍କ ପ୍ରଦତ୍ତ ମାନସିକ ଶକ୍ତି ଓ ସାମର୍ଥ୍ୟ ଏକ ସ୍ୱର୍ଗୀୟ ବରଦାନ ଯାହା ପରୋପକାର ପାଇଁ ନିୟୋଜିତ ହେବା ଉଚିତ୍ ।

**(୧୬ : ୭୯) :** ଏବଂ ଅଲ୍ଲାଃ ତୁମମାନଙ୍କୁ ତୁମମାନଙ୍କ ମାତୃଗର୍ଭରୁ ଏପରି ଅବସ୍ଥାରେ ଜନ୍ମ ଦେଇଥିଲେ, ଯେତେବେଳେ ତୁମେମାନେ କିଛି ବି ଜାଣି ନଥିଲ ଏବଂ ସେ ତୁମମାନଙ୍କୁ କର୍ଣ୍ଣ, ଚକ୍ଷୁ ଓ ହୃଦୟ ପ୍ରଦାନ କଲେ, ଯଦ୍ୱାରା କି ତୁମେମାନେ ସେସବୁକୁ ପରୋପକାର ସ୍ୱରୂପ ନିୟୋଜିତ କରିପାରିବ ।

ଏହାର ଅର୍ଥ ଉପଯୁକ୍ତ ସମୟ ଓ ଆବଶ୍ୟକ ଅବସରରେ ସେସବୁର ପ୍ରୟୋଗ କରାଯିବା ଉଚିତ୍ । ଯଦ୍ୱାରା ସେମାନେ ପରିପୁଷ୍ଟ ଓ ପରିବର୍ଦ୍ଧିତ ହେବେ । କିନ୍ତୁ ସେମାନଙ୍କର ଅବହେଳା କିମ୍ବା ଅପବ୍ୟବହାର ସ୍ୱର୍ଗୀୟ ଶାସ୍ତିକୁ ଆମନ୍ତ୍ରଣ କରିବ । (୧୪ : ୮)

କେତେକ ଧାର୍ମିକ ବ୍ୟବସ୍ଥା ଭ୍ରାନ୍ତିରେ ଦାମ୍ପତ୍ୟ ଜୀବନ ଅପେକ୍ଷା ବ୍ରହ୍ମଚର୍ଯ୍ୟ ପାଳନକୁ ଆଧ୍ୟାତ୍ମିକତାରେ ଉଚ୍ଚ ଆସନ ଦେଇଥାନ୍ତି । ଇସ୍‌ଲାମ୍ ବ୍ରହ୍ମଚାର୍ଯ୍ୟ ପାଳନକୁ ଅଗ୍ରାହ୍ୟ ଓ ନିନ୍ଦା କରେ । ପବିତ୍ର କୁରଆନ୍ କୁହେ :

**(୫୭:୨୮):** ସେମାନେ ଅଲ୍ଲାଃଙ୍କ ସନ୍ତୋଷ ଲାଭ ପାଇଁ ବ୍ରହ୍ମଚର୍ଯ୍ୟ ପାଳନ (ଚିର କୁମାର ରହିବା)କୁ ପାଥେୟ କରିଥିଲେ । କିନ୍ତୁ ଆମେ ଏହି ନିର୍ଦ୍ଦେଶ ଦେଇ ନଥିଲୁ ଓ ସେମାନଙ୍କ ପାଇଁ ଅଲ୍ଲାଃଙ୍କ ସନ୍ତୁଷ୍ଟି ପ୍ରାପ୍ତ କରିବା ଅନିବାର୍ଯ୍ୟ କରିଥିଲୁ । ଅଥଚ ସେମାନେ ଯଥୋଚିତ ଭାବେ ଏହା ପାଳନ କରି ନଥିଲେ ।

ବ୍ରହ୍ମଚାରୀ ହେବାର ସିଦ୍ଧାନ୍ତ ଏହି ଧାରଣାରୁ ଉତ୍ପନ୍ନ ହୋଇଛି ଯେ ନାରୀ ସୃଷ୍ଟିର ଏକ ନିକୃଷ୍ଟ ପ୍ରାଣୀ ଓ ତା' ସହିତ ସଂସର୍ଗ ସ୍ଥାପନ କରିବା ଏକ ଅପମାନ ଜନକ ବିଷୟ ତଥା ଅନୈତିକତା ରୂପେ ବିବେଚିତ । ଚର୍ଚ୍ଚର ଫାଦରମାନେ ପୁରୁଷର ଅଧଃପତନ ହେବା ଦାୟୀତ୍ୱ ନାରୀ ଉପରେ ନ୍ୟସ୍ତ କରିଛନ୍ତି । ତାକୁ ଏକ ଆତ୍ମା ବିହୀନ ପ୍ରାଣୀ ତଥା ଶୈତାନର ଅସ୍ତ୍ର ରୂପେ ଅଭିହିତ କରିଛନ୍ତି ।

ଇସ୍‌ଲାମ୍ ଏହି ମନୋଭାବକୁ ବିରୋଧ କରେ ଓ ନାରୀକୁ ପୁରୁଷ ସହିତ ଆଧ୍ୟାତ୍ମିକ ସମାନତାର ଆସନ ପ୍ରଦାନ କରେ । ଏହା ଘୋଷଣା କରେ ଯେ ପୁରୁଷ ଓ ନାରୀ ପରସ୍ପରର ପରିପୂରକ ଏବଂ ପାରସ୍ପରିକ ପରିତୃପ୍ତିର ଅବଲମ୍ବନ । ଉଦାହରଣ

ସ୍ୱରୂପ କୁରଆନ୍‌ରେ କୁହାଯାଇଛି :

**(୨ : ୧୮୮) :** ସେମାନେ ତୁମମାନଙ୍କ ବସ୍ତ୍ର (ଭୂଷଣ ସଦୃଶ) ଏବଂ ତୁମେମାନେ ସେମାନଙ୍କ ବସ୍ତ୍ର (ଭୂଷଣ ସଦୃଶ)

# ଆଧ୍ୟାତ୍ମିକ ସମାନତା

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ନାରୀର ପୁରୁଷ ସହିତ ସମାନତା ପ୍ରତି ପବିତ୍ର କୁରଆନ୍‌ରେ ବାରମ୍ବାର ଜୋର ଦିଆଯାଇଛି । ଉଦାହରଣ ସ୍ୱରୂପ କୁହାଯାଇଛି:

**(୩୩:୩୬):** ଅଲ୍ଲାଃଙ୍କ ଠାରେ ସଂପୂର୍ଣ୍ଣ ଆତ୍ମ ସମର୍ପଣ କରିଥିବା ପୁରୁଷ ଓ ସଂପୂର୍ଣ୍ଣ ଆତ୍ମ ସମର୍ପଣ କରିଥିବା ନାରୀ ଏବଂ ବିଶ୍ୱାସକାରୀ ପୁରୁଷ ଓ ବିଶ୍ୱାସକାରିଣୀ ନାରୀ ଏବଂ ଅଲ୍ଲାଃଙ୍କର ଆଜ୍ଞା ପାଳନକାରୀ ପୁରୁଷ ଓ ତାଙ୍କର ଆଜ୍ଞା ପାଳନକାରୀ ନାରୀ ଏବଂ ସତ୍ୟବାଦୀ ପୁରୁଷ ଓ ସତ୍ୟବାଦୀନୀ ନାରୀ ଏବଂ ଧୈର୍ଯ୍ୟଶୀଳ ପୁରୁଷ ଓ ଧୈର୍ଯ୍ୟଶୀଳା ନାରୀ ଏବଂ ବିନୟ ପ୍ରଦର୍ଶନକାରୀ ପୁରୁଷ ଓ ବିନୟ ପ୍ରଦର୍ଶନକାରୀଣୀ ନାରୀ ଏବଂ ଦାନ କରୁଥିବା ପୁରୁଷ ଓ ଦାନ କରୁଥିବା ନାରୀ ଏବଂ ରୋଜା (ଉପବାସ) ରଖୁଥିବା ପୁରୁଷ ଓ ରୋଜା (ଉପବାସ) ରଖୁଥିବା ନାରୀ ଏବଂ ନିଜ ଗୁପ୍ତାଙ୍ଗର ସୁରକ୍ଷା କରୁଥିବା ପୁରୁଷ ଓ ନିଜ ସତୀତ୍ୱର ସୁରକ୍ଷା କରୁଥିବା ନାରୀ ଏବଂ ଅଲ୍ଲାଃଙ୍କୁ ଅଧିକ ସ୍ମରଣ କରୁଥିବା ପୁରୁଷ ଓ ଅଲ୍ଲାଃଙ୍କୁ ଅଧିକ ସ୍ମରଣ କରୁଥିବା ନାରୀମାନଙ୍କ ସକାଶେ ଅଲ୍ଲାଃଙ୍କର କ୍ଷମା ଓ ମହାନ୍ ପୁରସ୍କାର ପ୍ରସ୍ତୁତ ରହିଛି ।

**(୩୩ : ୭୪) :** ବିଶ୍ୱାସକାରୀ ପୁରୁଷ ଓ ବିଶ୍ୱାସକରୀଣୀ ନାରୀ ପ୍ରତି ଅଲ୍ଲାଃ ପ୍ରାୟଶ୍ଚିତ ସ୍ୱୀକାର ପୂର୍ବକ ସଦୟ ହେବେ । ଅଲ୍ଲାଃ ହିଁ ପରମ କ୍ଷମାଶୀଳ (ଏବଂ) ସଦା କରୁଣାମୟ ।

ପୁରୁଷ ଓ ନାରୀମାନଙ୍କୁ ସମାନ ନିରାପତ୍ତା ପ୍ରଦାନ କରାଯାଇଛି । ଉଦାହରଣ ସ୍ୱରୂପ :-

**(୩୩: ୫୯) :** ଯେଉଁମାନେ ବିଶ୍ୱାସକାରୀ ପୁରୁଷମାନଙ୍କୁ ଏବଂ ବିଶ୍ୱାସକାରିଣୀ ନାରୀମାନଙ୍କୁ ବିନା ଦୋଷରେ ପୀଡ଼ା ଦିଅନ୍ତି, ସେମାନେ ନିଜ

ଉପରେ ମିଥ୍ୟା ଦୋଷାରୋପ ଓ ପ୍ରକାଶ୍ୟ ପାପର ବୋଝ ବହନ କରିବେ ।

**(୮୫ : ୧୧) :** ଯେଉଁମାନେ ବିଶ୍ୱାସକାରୀ ପୁରୁଷମାନଙ୍କୁ ଓ ବିଶ୍ୱାସକାରୀଣୀ ନାରୀମାନଙ୍କୁ ଉତ୍ପୀଡ଼ନ କରନ୍ତି ଓ ତାପରେ ପ୍ରାୟଶ୍ଚିତ କରନ୍ତି ନାହିଁ, ସେମାନେ ନିଶ୍ଚିତ ରୂପେ ନରକାଗ୍ନିର ଯନ୍ତ୍ରଣାଦାୟକ ଶାସ୍ତି ଭୋଗ କରିବେ ।

ହୁଦବିୟା ଠାରେ ସୃଷ୍ଟି ହୋଇଥିବା ପରିସ୍ଥିତି ସମ୍ବନ୍ଧରେ କୁହାଯାଇଛି :

**(୪୮ : ୨୬) :** ସେହି ବିଶ୍ୱାସକାରୀ ପୁରୁଷ ଓ ବିଶ୍ୱାସକାରୀଣୀ ନାରୀମାନେ ଯଦି ଅନ୍ୟମାନଙ୍କ ଠାରୁ ପୃଥକ ହୋଇଯାଇ ଥାଆନ୍ତେ, ଆମ୍ଭେ ନିଶ୍ଚୟ ସେମାନଙ୍କ ମଧ୍ୟରୁ ଅମାନ୍ୟକାରୀମାନଙ୍କ ପ୍ରତି ଯନ୍ତ୍ରଣାଦାୟକ କଠୋର ଦଣ୍ଡ ବିଧାନ କରିଥାନ୍ତୁ ।

ନାରୀମାନେ ପୁରୁଷମାନଙ୍କ ଅପେକ୍ଷା ଅଧିକ ଭଂଗୁର ହୋଇଥିବାରୁ ସ୍ୱତନ୍ତ୍ର ନିରାପତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ।

**(୨୪ : ୨୪-୨୫) :** ଯେଉଁ ବ୍ୟକ୍ତିମାନେ ସତୀତ୍ୱ ରକ୍ଷା କରୁଥିବା ଅସାବଧାନ ବିଶ୍ୱାସକାରୀଣୀ ନାରୀମାନଙ୍କ ପ୍ରତି ମିଥ୍ୟାରୋପ ଲଗାଇଥାନ୍ତି, ସେମାନେ ଇହକାଳରେ ଅଭିଶପ୍ତ ଓ ପରକାଳରେ ମଧ୍ୟ ଅଭିଶପ୍ତ । ସେହି ଦିନକୁ ମନେ ପକାଅ, ଯେଉଁଦିନ ସେମାନଙ୍କର ଜିହ୍ୱା, ସେମାନଙ୍କର ହସ୍ତ ଓ ସେମାନଙ୍କର ପାଦ ସେମାନଙ୍କର ଅପକର୍ମ ପାଇଁ ସେମାନଙ୍କ ବିରୁଦ୍ଧରେ ସାକ୍ଷ୍ୟ ପ୍ରଦାନ କରିବେ । ସେଦିନ ସେମାନଙ୍କୁ ଗୁରୁତର ଶାସ୍ତି ପ୍ରଦାନ କରାଯିବ ।

ପୁରୁଷ ଓ ନାରୀମାନେ ପରକାଳରେ ସମାନ ଭାବରେ ପୁରସ୍କୃତ ହେବେ ।

**(୪ : ୧୨୫) :** ପୁରୁଷ ହେଉ ବା ନାରୀ, ଯେଉଁମାନେ ବିଶ୍ୱାସକାରୀ ଥାଇ ପୁଣ୍ୟ କାର୍ଯ୍ୟ କରନ୍ତି, ସେମାନେ ବୈକୁଣ୍ଠରେ ପ୍ରବେଶ କରିବେ ଏବଂ ସେମାନଙ୍କ ପ୍ରତି ଅଣୁମାତ୍ର ଅନ୍ୟାୟ କରାଯିବ ନାହିଁ ।

**(୧୬ : ୯୮) :** ବିଶ୍ୱାସକାରୀମାନଙ୍କ ମଧ୍ୟରେ ପୁରୁଷ ହୁଅନ୍ତୁ ବା ନାରୀ ଯିଏ ସତ୍‌କର୍ମ କରିବ, ଆମ୍ଭେ ନିଶ୍ଚୟ ତାହାଙ୍କୁ ଏକ ପବିତ୍ର ଜୀବନ

ପ୍ରଦାନ କରିବୁ ଏବଂ ଆମ୍ଭେ ସେମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କର୍ମ ଅନୁସାରେ ପୁରସ୍କାର ଦେବୁ ।

**(୪୦:୪୧) :** ବିଶ୍ୱାସକାରୀ ପୁରୁଷ ହୁଅନ୍ତୁ ବା ନାରୀ, ଯେ କେହି ସତ୍‌କାର୍ଯ୍ୟ କରନ୍ତି, ସେମାନେ ବୈକୁଣ୍ଠରେ ପ୍ରବେଶ କରିବେ ଓ ସେଠାରେ ସେମାନଙ୍କୁ ଅଜସ୍ର ପୁରସ୍କାର ଦିଆଯିବ ।

**(୯:୭୧-୭୨) :** ବିଶ୍ୱାସକାରୀ ପୁରୁଷ ଏବଂ ନାରୀ ଜଣେ ଅନ୍ୟର ମିତ୍ର । ସେମାନେ ସତ୍‌କାର୍ଯ୍ୟ ପାଇଁ ପ୍ରବର୍ତ୍ତାନ୍ତି ଓ ମନ୍ଦ କାର୍ଯ୍ୟରୁ ବାରଣ କରନ୍ତି । ସେମାନେ ପ୍ରାର୍ଥନା କରନ୍ତି ଓ ଜକାତ୍ ଦିଅନ୍ତି ତଥା ଅଲ୍ଲାଃ ଓ ତାଙ୍କର ଅବତାରଙ୍କ ଆଜ୍ଞା ପାଳନ କରନ୍ତି । ଏହିମାନଙ୍କ ପ୍ରତି ଅଲ୍ଲାଃ ଅବଶ୍ୟ କରୁଣା କରିବେ । ବାସ୍ତବରେ ଅଲ୍ଲାଃ ପରାକ୍ରମୀ ଓ ପରମ ବିବେକଶୀଳ । ଅଲ୍ଲାଃ ବିଶ୍ୱାସକାରୀ ପୁରୁଷ ଓ ବିଶ୍ୱାସକାରୀ ନାରୀମାନଙ୍କୁ ଏପରି ସ୍ୱର୍ଗର ପାରିଜାତ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ, ଯାହାର ନିମ୍ନ ଦେଶରେ ଝରଣା ପ୍ରବାହିତ ହେଉଥିବ । ଯେଉଁଠାରେ ସେମାନେ ସର୍ବଦା ବସବାସ କରିବେ । ସେହିପରି ଚିରସ୍ଥାୟୀ ବୈକୁଣ୍ଠ ମଧ୍ୟରେ ପବିତ୍ର ନିବାସ ସ୍ଥଳୀରେ ସେମାନେ ମହା ଆନନ୍ଦରେ ରହିବେ । ତାହା ହିଁ ସର୍ବୋତ୍ତମ ସଫଳତା ।

**(୪୮ : ୬) :** ସେ (ଅଲ୍ଲାଃ) ବିଶ୍ୱାସକାରୀ ପୁରୁଷ ଓ ନାରୀମାନଙ୍କୁ ଏପରି ସ୍ୱର୍ଗରେ ପ୍ରବେଶ କରାଇବେ, ଯାହାର ନିମ୍ନ ଦେଶରେ ଝରଣାମାନ ପ୍ରବାହିତ ହେଉଥିବ ଏବଂ ସେମାନେ ସେଠାରେ ସର୍ବଦା ଅବସ୍ଥାନ କରିବେ । ଅଲ୍ଲାଃ ସେମାନଙ୍କର ଦୋଷତ୍ରୁଟିକୁ ସେମାନଙ୍କ ଠାରୁ ଅପସାରିତ କରିଦେବେ । ଅଲ୍ଲାଃଙ୍କ ନିକଟରେ ତାହାହିଁ ସର୍ବଶ୍ରେଷ୍ଠ ସଫଳତା ।

**(୩ : ୧୯୬) :** ସେମାନଙ୍କର ପ୍ରଭୁ ସେମାନଙ୍କ ପ୍ରାର୍ଥନାର ଉତ୍ତର ଦେବେ । ତୁମ୍ଭମାନଙ୍କ ମଧ୍ୟରୁ ଆଜ୍ଞା ପାଳନକାରୀ କୌଣସି ପୁରୁଷ କିମ୍ବା ନାରୀର ସତ୍‌କର୍ମକୁ ନିଷ୍ଫଳ କରିବୁ ନାହିଁ । ତୁମମାନଙ୍କ ମଧ୍ୟରୁ କେତେକ ଆଧ୍ୟାତ୍ମିକତାରେ ଅନ୍ୟ କେତେକଙ୍କ ସହିତ ସମ୍ବନ୍ଧିତ ରହିଥାନ୍ତି ।

(୪୩:୬୯-୭୦) : ହେ ଆମ୍ଭର ଭକ୍ତମାନେ ! ଆଜି ତୁମମାନଙ୍କ ପାଇଁ ଭୟ କିମ୍ବା ଦୁଃଖ ନାହିଁ । ତୁମେ ତୁମ ସାଥିମାନଙ୍କ ସହିତ ଏହି ବୈକୁଣ୍ଠରେ ଆନନ୍ଦ ଓ ଉଲ୍ଲାସରେ ପ୍ରବେଶ କର ।

(୩୬:୫୬-୫୮) : ବୈକୁଣ୍ଠର ଅନ୍ତେବାସୀଗଣ ସେଦିନ ଅତି ଆନନ୍ଦରେ ବିଭୋର ହୋଇ ରହିବେ । ସେମାନେ ଓ ସେମାନଙ୍କ ସଙ୍ଗୀମାନେ ଅଲ୍ଲାଃଙ୍କର କରୁଣାର ଛାୟା ତଳେ ପଲଙ୍କର ଶଯ୍ୟାରେ ତକିଆରେ ଆଉଜି ବିରାଜମାନ ହୋଇଥିବେ । ସେଠାରେ ସ୍ୱାଦିଷ୍ଟ ଫଳ ଆଦି ରହିଥିବ ଓ ଅନ୍ୟ ଯାହାକିଛି ମାଗିବେ, ସେସବୁ ସେମାନଙ୍କୁ ଯୋଗାଇ ଦିଆଯିବ ।

(୫୭:୧୩) : ସେ ଦିନକୁ ମନେରଖ, ଯେତେବେଳେ ତୁମେ ବିଶ୍ୱାସକାରୀ ପୁରୁଷ ଓ ବିଶ୍ୱାସକାରୀଣୀ ନାରୀମାନଙ୍କୁ ଦେଖିବାକୁ ପାଇବ ଯେ ସେମାନଙ୍କର ଜ୍ୟୋତି ସେମାନଙ୍କ ସମ୍ମୁଖରେ ଓ ସେମାନଙ୍କ ଦକ୍ଷିଣ ପାର୍ଶ୍ୱରେ ଦ୍ରୁତ ଗତିରେ ଧାବମାନ ହେଉଥିବ ଏବଂ ସେମାନଙ୍କୁ ସମ୍ବୋଧନ କରି କୁହାଯିବ ଆଜି ତୁମମାନଙ୍କୁ ଏପରି ସ୍ୱର୍ଗ ସଂକ୍ରାନ୍ତରେ ସୁସମାଚାର ଦିଆଯାଉଛି, ଯାହାର ନିମ୍ନଦେଶରେ ଝରଣାମାନ ପ୍ରବାହିତ ହେଉଥିବ । ତୁମେମାନେ ସେଠାରେ ଚୀରସ୍ଥାୟୀ ବାସ କରିବ । ତାହାହିଁ ସବୁଠାରୁ ବଡ ସଫଳତା ।

ବିଶ୍ୱାସକାରୀଣୀ ନାରୀ ଏବଂ ବିଶ୍ୱାସକାରୀ ପୁରୁଷମାନଙ୍କ ପାଇଁ କ୍ଷମାଭିକ୍ଷା କରି ପ୍ରାର୍ଥନା କରିବାକୁ ପବିତ୍ର ଅବତାରଙ୍କୁ କୁହାଯାଇଥିଲା ।(୪୭ : ୨୦)

# କାର୍ଯ୍ୟର ବିବିଧତା

ଯେକୌଣସି ସ୍ୱର୍ଗୀୟ ଯୋଜନା ପ୍ରତ୍ୟେକ ଦୃଷ୍ଟିକୋଣରୁ ସ୍ୱର୍ଗୀୟ ଜ୍ଞାନ ଓ ଧୀଶକ୍ତିର ସ୍ୱାକ୍ଷର ବହନ କରିଥାଏ । ପୁରୁଷ ଓ ନାରୀ ଆଧ୍ୟାତ୍ମିକତାରେ ପ୍ରତ୍ୟେକ ଆରେକ ସଦୃଶ ଏବଂ ସମାନ ଭାବରେ ଈଶ୍ୱରଙ୍କ ଅନୁଗ୍ରହ ଓ ବଦାନ୍ୟତାକୁ ଉପଭୋଗ କରନ୍ତି । କିନ୍ତୁ ସେମାନଙ୍କ କାର୍ଯ୍ୟ ସମାନ ସ୍ତରର ନୁହେଁ । ଏହି ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ମାନସିକ ଶକ୍ତି ଓ ସାମର୍ଥ୍ୟରେ ଅନୁରୂପ ବିଭିନ୍ନତା ଅଛି । ଏହା ପବିତ୍ର କୁରଆନ୍‌ରେ ଦର୍ଶାଯାଇଛି । ଯେପରି କୁହାଯାଇଛି :

(୨୦:୫୧) : ସେ ହିଁ ଆମମାନଙ୍କର ପାଳନକର୍ତ୍ତା ଯେ କି ପ୍ରତ୍ୟେକ ବସ୍ତୁକୁ ଆବଶ୍ୟକତା ଅନୁଯାୟୀ ତାହାର ଆକୃତି ପ୍ରଦାନ କରିଛନ୍ତି ଏବଂ ତତ୍‌ପରେ ଉପଯୁକ୍ତ ବ୍ୟବହାର ପାଇଁ ଏହାକୁ ମାର୍ଗ ପ୍ରଦର୍ଶନ କରାଇଛନ୍ତି ।

(୩୦:୩୧) : ଏହା ଅଲ୍ଲାଃଙ୍କ ପ୍ରକୃତିଗତ ବିଧାନ, ଯାହାର ଅନୁରୂପ ସେ ମନୁଷ୍ୟ ଜାତିକୁ ସୃଷ୍ଟି କରିଛନ୍ତି । ଅଲ୍ଲାଃଙ୍କ ସର୍ଜନାରେ ପରିବର୍ତ୍ତନ ହୁଏ ନାହିଁ ।

ପୁରୁଷକୁ ନାରୀରେ ଓ ନାରୀକୁ ପୁରୁଷରେ ରୂପାନ୍ତରିତ କରିବାର ସମସ୍ତ ଚେଷ୍ଟା ବୃଥା ଓ ସର୍ବନାଶକ । ପ୍ରତ୍ୟେକ (ପୁରୁଷ ବା ସ୍ତ୍ରୀ) ପାଇଁ ତା'ର ସମୁଚିତ କର୍ତ୍ତବ୍ୟ ନିର୍ଦ୍ଧିଷ୍ଟ କରାଯାଇଛି, ଯାହାର ଉପଯୁକ୍ତ ସଂପାଦନାରେ ଜୀବନର ମର୍ଯ୍ୟାଦା, ସୁଖ, ପରିପୂର୍ଣ୍ଣତା ଓ ସୌନ୍ଦର୍ଯ୍ୟ ପ୍ରକାଶିତ ହୋଇଥାଏ ।

ପୁରୁଷ ଏବଂ ନାରୀମାନଙ୍କର ଶାରୀରିକ ବା ମାନସିକ ସାମର୍ଥ୍ୟର ବିଭିନ୍ନତା ଉପରେ ଚିନ୍ତା କଲେ ପ୍ରକୃତି ପ୍ରସ୍ତୁତ କରିଥିବା ସେମାନଙ୍କର କାର୍ଯ୍ୟର ବିଭିନ୍ନତା ଦୃଷ୍ଟିଗୋଚର ହୁଏ । ଉଦାହରଣ ସ୍ୱରୂପ ନାରୀ ଗର୍ଭଧାରଣ କରି ଶିଶୁ ଜନ୍ମ ଦେବାପାଇଁ ଉତ୍ତମ ରୂପେ ସକ୍ଷମ ଥିବାବେଳେ ପୁରୁଷ ଏଥିପାଇଁ ଅସମର୍ଥ । ଅନ୍ୟ ପକ୍ଷରେ ପୁରୁଷ ଯୁଦ୍ଧ କାର୍ଯ୍ୟରେ ନେତୃତ୍ୱ ନେବାପାଇଁ ସଂପୂର୍ଣ୍ଣ ସକ୍ଷମ ଥିବାବେଳେ ଜଣେ ନାରୀକୁ ଯୁଦ୍ଧ କ୍ଷେତ୍ରରେ ସାମରିକ ନେତୃତ୍ୱରେ ନିଯୁକ୍ତ କରିବାର ଅର୍ଥ ଦୁର୍ଦ୍ଦଶାକୁ ଆମନ୍ତ୍ରଣ କରିବା । ଏହା ପ୍ରଭୁତ୍ୱ ବା ନିକୃଷ୍ଟତାର ପ୍ରଶ୍ନ ନୁହେଁ, ଏହା ପ୍ରାକୃତିକ କ୍ଷମତା ଓ ଉପଯୁକ୍ତ କାର୍ଯ୍ୟ ନିର୍ବାହର ପ୍ରଶ୍ନ ।

ଶିଶୁ ପାଳନର ଉପଯୁକ୍ତ କାର୍ଯ୍ୟ ନିର୍ବାହ ନାରୀ ଉପରେ କେତେକ ପ୍ରତିବନ୍ଧକ ସୃଷ୍ଟି କରିଥାଏ, ଯେଉଁଥିରୁ ପୁରୁଷ ମୁକ୍ତ । କିନ୍ତୁ ମାତୃତ୍ୱର ମହାନ ସମ୍ମାନ ରୂପୀ ମୁକୁଟ କେବଳ ନାରୀ ପାଇଁ ସଂରକ୍ଷିତ ହୋଇ ରହିଥିବା ବେଳେ, ପୁରୁଷ ତାହା ପାଇବା ପାଇଁ ଆସ୍ପର୍ଦ୍ଧା କରିବା ଏକ ବିଡ଼ମ୍ବନା ମାତ୍ର । ଶୈଶବ ଅବସ୍ଥାରେ ଶିଶୁମାନଙ୍କର ଲାଳନ ପାଳନ କରିବା ମା'ର ପ୍ରାଥମିକ ଦାୟିତ୍ୱ । ସେ ଅବସ୍ଥାରେ ପିତାର ଭୂମିକା ମାତାର ଭୂମିକାର ପରିପୁରକ । ସେ ଅବସ୍ଥାରେ ନବଜାତ ଶିଶୁଟି ତା'ର ଲାଳନ ପାଳନ, ସୁଖସ୍ୱାଚ୍ଛନ୍ଦ୍ୟ କିମ୍ବା ନିରାପତ୍ତା ପାଇଁ ପିତା ଅପେକ୍ଷା ମାତା ଆଡ଼କୁ ସ୍ୱଭାବତଃ ଆକର୍ଷିତ ହୋଇଥାଏ । ଶିଶୁ ଯେତେବେଳେ ମାତା ଦ୍ୱାରା ତିରସ୍କୃତ ବା ଅନୁଶାସିତ ହୁଏ, ସେ

ମାତା ପ୍ରତି ବିରକ୍ତିଭାବ ପ୍ରକାଶ କରି ନଥାଏ । କିନ୍ତୁ ପିତା ଦ୍ୱାରା ଅନୁଶାସିତ ହେଲେ ବିରକ୍ତିଭାବ ପ୍ରକାଶ କରିଥାଏ । ମାତା ଓ ଶିଶୁ ମଧ୍ୟରେ ପ୍ରକୃତିଗତ ସ୍ୱାଭାବିକ ବନ୍ଧନ, ପିତା ଓ ଶିଶୁ ମଧ୍ୟରେ ରହିଥିବା ବନ୍ଧନ ଅପେକ୍ଷା ଅଧିକ କୋମଳ ଭାବ ଦ୍ୱାରା ପ୍ରଦର୍ଶିତ ହୋଇଥାଏ । ନାରୀ ଅବଳା ହୋଇଥିବାରୁ ସାହାଯ୍ୟ ଓ ସୁରକ୍ଷା ପାଇଁ ସେ ପୁରୁଷର ସାମର୍ଥ୍ୟ ଆବଶ୍ୟକ କରିଥାଏ । ଜଣେ ନାରୀକୁ ତା'ର ଇଚ୍ଛା ବିରୁଦ୍ଧରେ କୌଣସି କାର୍ଯ୍ୟ ପାଇଁ ବାଧ୍ୟ କରାଯାଇପାରେ, କିନ୍ତୁ ଜଣେ ପୁରୁଷକୁ ତା'ର ଇଚ୍ଛା ବିରୁଦ୍ଧରେ ସେଥିପାଇଁ ବାଧ୍ୟ କରାଯାଇ ପାରିବନାହିଁ ।

ପତ୍ନୀ ତଥା ଜନନୀ ହୋଇଥିବା ଯୋଗୁଁ ନାରୀର କାର୍ଯ୍ୟାବଳୀର ପ୍ରାଥମିକ ସ୍ଥିତି ତଥା ସାଧାରଣ କର୍ମ ପରିସର ଘର ଭିତରେ ସୀମିତ । ଜଣେ ଉପାର୍ଜନକ୍ଷମ ପୁରୁଷ ଗୃହକର୍ତ୍ତା ବୋଲାଉ ଥିବାରୁ ତା'ର କର୍ମ ତତ୍ପରତା ଓ କାର୍ଯ୍ୟ ଦକ୍ଷତା ସାଧାରଣତଃ ଗୃହର ଆଭ୍ୟନ୍ତରରେ ସୀମାବଦ୍ଧ ନ ହୋଇ ଏହାର ପରିସର ଘର ବାହାରେ ହୋଇଥାଏ । ମନୁଷ୍ୟର ଜ୍ଞାନ, ବୋଧଶକ୍ତି ଓ ପରୋପକାର ଉପରେ ଆଧାରିତ ଏକ ସାମାଜିକ ବ୍ୟବସ୍ଥା ଉଭୟଙ୍କ ମଧ୍ୟରେ ଐକ୍ୟ ଓ ସମତା ରକ୍ଷା କରିବାରେ ସାହାଯ୍ୟ କରିଥାଏ, ଯାହା ସେମାନଙ୍କ ସନ୍ତୁଳନକୁ ବଜାୟ ରଖିଥାଏ । ଇସ୍‌ଲାମ୍ ତାହା କରୁଥିବାର ଦାବି କରି ଆସୁଛି ।

# ବିବାହ

ଇସ୍‌ଲାମ୍ ଧର୍ମରେ ବିବାହର ଚରମ ଉଦ୍ଦେଶ୍ୟ ହେଉଛି ସତୀତ୍ୱ, ସିଦ୍ଧି, ତୃପ୍ତି ଏବଂ ବଂଶ ବିସ୍ତାର ମାଧ୍ୟମରେ ଅଲ୍ଲାହଙ୍କର ସନ୍ତୋଷ ଲାଭ କରିବା । ଉଦାହରଣ ସ୍ୱରୂପ ସତ୍‌ବିଶ୍ୱାସକାରୀଙ୍କର ଲକ୍ଷଣମାନଙ୍କ ମଧ୍ୟରେ ବିବାହ ମାଧ୍ୟମରେ ସତୀତ୍ୱକୁ ଅକ୍ଷୁର୍ଣ୍ଣ ରଖିବା ଓ ଏହାର ସୁରକ୍ଷାକୁ ସୁନିଶ୍ଚିତ କରିବା ସଙ୍ଗେ ସଙ୍ଗେ ନିଷ୍ଠା ଓ ବିନମ୍ରତାର ସହିତ ନିୟମିତ ରୂପେ ପ୍ରାର୍ଥନା କରିବା, ସମସ୍ତ ବୃଥା ଓ ଅଯଥା କାର୍ଯ୍ୟକୁ ପରିହାର କରିବା, ଜକାତ୍ ଦେବା ତଥା ଈଶ୍ୱର ବିଶ୍ୱାସୀ ହୋଇ ଭକ୍ତିଭାବ ପୋଷଣ କରିବା ପ୍ରତି ସଜାଗ ରହିବା ଅନ୍ୟତମ ।

**(୨୩:୨-୧୨) :** ସେମାନେ ହିଁ ପ୍ରକୃତ ଦାୟାଦ ଯେଉଁମାନେ ଉତ୍ତରାଧିକାରୀ ସୂତ୍ରରେ ବୈକୁଣ୍ଠର ପାରିଜାତ ଲାଭ କରିବେ, ସେମାନେ ସର୍ବଦା ତହିଁରେ ବାସ କରିବେ । ତତ୍‌ପରେ ନିର୍ଦ୍ଦେଶ ଅଛି ଯେ :

**(୨୪:୩୩-୪) :** ତୁମମାନଙ୍କ ମଧ୍ୟରେ ବିଧବାମାନଙ୍କର ବିବାହ ଆୟୋଜନ କର ଏବଂ ତୁମମାନଙ୍କ ନିୟନ୍ତ୍ରଣରେ ଥିବା ଦାସ ଓ ଦାସୀମାନଙ୍କ ମଧ୍ୟରୁ ଚରିତ୍ରବାନ ପୁରୁଷ ଓ ନାରୀମାନଙ୍କର ମଧ୍ୟ ବିବାହ କରାଅ । ସେମାନେ ଯଦିବା ଦରିଦ୍ର ହୋଇଥିବେ, ଅଲ୍ଲାଃ ନିଜ କୃପାରୁ ସେମାନଙ୍କୁ ଧନବାନ କରିଦେବେ ।

ପବିତ୍ର ଅବତାର କହିଛନ୍ତି, ଦାମ୍ପତ୍ୟ ଜୀବନ ଯାପନ ଆମର ରୀତି; ସେହି ରୀତିରୁ ଯିଏ ବିମୁଖ ହୁଏ, ସେ ଆମମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ ।

ଦୁର୍ଭାଗ୍ୟବଶତଃ ପାଶ୍ଚାତ୍ୟ ଜଗତ ସତୀତ୍ୱକୁ ଏକ ନୈତିକ ଉତ୍କର୍ଷ ବୋଲି ଏବେ ଆଉ ବିବେଚନା କଲେ ନାହିଁ । ବାସ୍ତବରେ ଏହା ଏକ କଳଙ୍କ ହୋଇ ସାରିଛି । ପରୀକ୍ଷା ମୂଳକ ଭାବେ ଏକତ୍ର ବସବାସ କରିବା ଓ ନୈତିକ ସ୍ଖଳନ ଆଜିର ଆଦର୍ଶ ହୋଇଛି । ବୈବାହିକ ଜୀବନ ଭିତରେ ଓ ବାହାରେ ବିକାରଗ୍ରସ୍ତତା ତଥା ଇନ୍ଦ୍ରୀୟ ପରାୟଣତା ଯୌନକ୍ରିୟାର ବାସ୍ତବ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ହୋଇଥିବାର ବିବେଚନା କରାଯାଉଛି । ନାରୀ ଜୀବନର ଅଧୋଗତି କରାଇ ତାକୁ କେବଳ ଏକ ଭୋଗ୍ୟବସ୍ତୁ ଓ ଯୌନ ପ୍ରସାଦର ଏକ ଅବଲମ୍ବନ ବୋଲି ବିଚାର କରାଯାଇଛି ।

ଇସ୍‌ଲାମ୍ ଅନୁସାରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ସମ୍ବନ୍ଧ ଏକ ଅନୁଗ୍ରହମୟ ସୌନ୍ଦର୍ଯ୍ୟଭରା ଦାମ୍ପତ୍ୟ ଜୀବନ ରୂପେ ପ୍ରତୀୟମାନ ହେବା ଉଚିତ । ପବିତ୍ର କୁରଆନ୍‌ରେ ନିର୍ଦ୍ଦେଶ ଅଛି :

**(୪:୨୦):** ସେମାନଙ୍କ (ଅର୍ଥାତ୍ ପତ୍ନୀମାନଙ୍କ) ସହିତ ଦୟାଶୀଳ ବ୍ୟବହାର କର । ଯଦି ତୁମେମାନେ ସେମାନଙ୍କୁ ନାପସନ୍ଦ କରୁଥାଅ, ତେବେ ସମ୍ଭବତଃ ତୁମେମାନେ ଏପରି ବସ୍ତୁକୁ ନାପସନ୍ଦ କରୁଛ, ଯାହାଙ୍କଠାରେ ଅଲ୍ଲାଃ ଯଥେଷ୍ଟ କଲ୍ୟାଣ ରଖିଛନ୍ତି ।

ଦାମ୍ପତ୍ୟ ଜୀବନର ବୈଶିଷ୍ଟ୍ୟ ପବିତ୍ର ଅବତାର ମୁହମ୍ମଦ[ସଅ]ଙ୍କ ଦୃଷ୍ଟିକୋଣରୁ ବିଚାର କରାଯାଇପାରେ । ସେ କହିଛନ୍ତି, ସନ୍ତାନ ଲାଭ ଆଶାରେ ତୁମେମାନେ ଯେତେବେଳେ ଏକତ୍ର ହୁଅ, ଏହି ପ୍ରାର୍ଥନା କର: 'ହେ ଅଲ୍ଲାଃ ଶୈତାନ୍ ଠାରୁ ଆମମାନଙ୍କୁ ସୁରକ୍ଷିତ ରଖ ଓ ଆମକୁ ଅର୍ପଣ କରୁଥିବା ସନ୍ତାନ ଠାରୁ ଶୈତାନ୍‌କୁ ଦୂରେଇ ରଖ ।

ଉଲ୍ଲେଖ କରାଯାଇଛି ଯେ ପବିତ୍ର କୁରଆନ୍ ପତିପତ୍ନୀଙ୍କୁ ପରସ୍ପର ପୋଷାକ ରୂପେ ବର୍ଣ୍ଣନା କରିଛି ( ୨ : ୮୮ ), ଅର୍ଥାତ୍ ତାହା ସୁରକ୍ଷା, ମର୍ଯ୍ୟାଦା ଓ ଭୂଷଣର ଏକ ଅବଲମ୍ବନ ।

ଦାମ୍ପତ୍ୟ ସଂପର୍କରେ ସମଗ୍ର ବିଷୟବସ୍ତୁ ଇସ୍‌ଲାମ୍‌ରେ ଉନ୍ନତ ନୈତିକ ଓ ଆଧ୍ୟାତ୍ମିକ ଚେତନା ସ୍ତରରେ ବିଚାର କରାଯାଏ, ଯାହା କେବଳ କାମୁକ ଭାବନା ଓ ଯୌନ ପ୍ରବଣତାର ସଂପୃକ୍ତିକୁ ପରିହାର କରେ । ଏହା ନିମ୍ନଲିଖିତ ନିର୍ଦ୍ଦେଶ ଓ ପ୍ରବୋଧନରୁ ସ୍ପଷ୍ଟ ପ୍ରତୀୟମାନ ।

**(୨ : ୨୨୩-୪) :** ହେ ଅବତାର ! ସେମାନେ ତୁମଙ୍କୁ ମାସିକ ଋତୁସ୍ରାବ ଅବସ୍ଥା ସଂକ୍ରାନ୍ତରେ ପ୍ରଶ୍ନ କରୁଛନ୍ତି । ତୁମେ(ସେମାନଙ୍କୁ) କହିଦିଅ ! ଏହା ଏକ କଷ୍ଟଦାୟକ ଅବସ୍ଥା । ତେଣୁ ଋତୁସ୍ରାବ ସମୟରେ ତୁମେ ପତ୍ନୀଙ୍କ ଠାରୁ ଅଲଗା ରୁହ ଓ ସେମାନେ ଶୌଚ ନହେବା ପର୍ଯ୍ୟନ୍ତ ସେମାନଙ୍କ ନିକଟକୁ ଯାଅନାହିଁ । କିନ୍ତୁ ଯେତେବେଳେ ସେମାନେ ସ୍ନାନ କରି ଶୁଦ୍ଧପୁତ ହେବେ, ସେତେବେଳେ ଅଲ୍ଲାଃ ତୁମଙ୍କୁ ଦେଇଥିବା ଆଦେଶ ଅନୁସାରେ ସେମାନଙ୍କ ନିକଟକୁ ଯାଅ । ଅଲ୍ଲାଃ ବାସ୍ତବରେ ସେହିମାନଙ୍କୁ ଭଲ ପାଆନ୍ତି, ଯେଉଁମାନେ ନିର୍ମଳ ଓ ପବିତ୍ର । ତୁମମାନଙ୍କ ପତ୍ନୀମାନେ ହେଉଛନ୍ତି ତୁମମାନଙ୍କର କ୍ଷେତ । ତେଣୁ ତୁମେମାନେ ଯେପରି ଇଚ୍ଛା ନିଜର କ୍ଷେତ ନିକଟକୁ ଯାଅ ଓ ନିଜ ସକାଶେ କିଛି ଆଗକୁ ପଠାଇ ପୁଣ୍ୟ ସଞ୍ଚୟ କର । ଅଲ୍ଲାଃଙ୍କ ପ୍ରତି ଭୟ କର ଓ ନିଜର କର୍ତ୍ତବ୍ୟରେ ସର୍ବଦା ମନଯୋଗୀ ହୁଅ ଏବଂ ଜାଣିରଖ ଯେ ତୁମେମାନେ ତାଙ୍କୁ ନିଶ୍ଚୟ ଭେଟିବ । ଯେଉଁମାନେ ବିଶ୍ୱାସ କରିଛନ୍ତି, ସେମାନଙ୍କୁ ଏହାର ସୁସମାଚାର ଦିଅ ।

ସ୍ତ୍ରୀର ସନ୍ତାନ ଧାରଣ କରିବାର କ୍ଷମତା ଓ ସୁଯୋଗକୁ ବିପଦଜନକ ଭାବେ ପ୍ରଭାବିତ କରୁଥିବା ଯେ କୌଣସି ମନୋଭାବକୁ ଅଗ୍ରାହ୍ୟ କରାଯାଇଛି । ପବିତ୍ରତା ଏବଂ ଭଗବତ ପ୍ରୀତିର ଅଗ୍ରଗତିରେ ପ୍ରୋତ୍ସାହନ ସର୍ବଦା ମନେ ରଖିବାକୁ ହେବ । ପବିତ୍ର କୁରଆନ୍ ଦେଇଥିବା ଶିକ୍ଷାରେ ପୁଣ୍ୟବାନର ଅନ୍ୟତମ ପ୍ରାର୍ଥନା ହେଉଛି :

**(୨୫:୭୫) :** ହେ ପାଳନକର୍ତ୍ତା ଆମର ଜୀବନ ସଂଗୀନି ଓ ସନ୍ତାନ ସନ୍ତତିଙ୍କ ତରଫରୁ ଆମମାନଙ୍କର ଚକ୍ଷୁକୁ ଶୀତଳତା ପ୍ରଦାନ କର ଏବଂ ଆମମାନଙ୍କୁ ଧର୍ମପରାୟଣ ବ୍ୟକ୍ତିମାନଙ୍କ ଆଦର୍ଶ ବନାଅ ।

# ପତି ପତ୍ନୀଙ୍କ ଦାୟୀତ୍ୱ ଓ କର୍ତ୍ତବ୍ୟ

ଇସ୍‌ଲାମୀୟ ବ୍ୟବସ୍ଥାରେ ବିବାହ ଏକ ଶିଷ୍ଟାଚାର ସମ୍ପନ୍ନ ବନ୍ଧନ, ଯାହା ପରସ୍ପର ପ୍ରତି ଥିବା ଅଙ୍ଗୀକାର ବା କର୍ତ୍ତବ୍ୟବୋଧ ଉପରେ ଆଧାରିତ । ଏହାର ବୈଧତା ପାଇଁ ସଂପୃକ୍ତ ପକ୍ଷମାନେ ସର୍ବସାଧାରଣରେ ସ୍ୱାଧୀନ ସମ୍ମତି ଘୋଷଣା କରିବା ଆବଶ୍ୟକ । କନ୍ୟାର ଅଭିଭାବକଙ୍କର କର୍ତ୍ତବ୍ୟ ହେଉଛି, କନ୍ୟାର ଅଧିକାରକୁ ନିଶ୍ଚିତ ଓ ସୁରକ୍ଷିତ କରିବା । ଏହା ନିଶ୍ଚିତ ହେବା ପରେ ସେ କନ୍ୟାର ସହମତି ସହିତ ନିଜର ସମ୍ମତି ଘୋଷଣା କରନ୍ତି । ସେହିପରି ପତ୍ନୀ ପାଇଁ ନିଜର ସାମର୍ଥ୍ୟ ଅନୁସାରେ ଏକ ନିଷ୍ପତ୍ତି ମୂଳକ ଭାବେ ସ୍ୱାଧୀନ ଦେବା ପାଇଁ ପତିର ସମ୍ମତି ଘୋଷଣା କରିବା ଆବଶ୍ୟକ ହୋଇଥାଏ । ଏହାକୁ 'ମହେର୍' କୁହାଯାଏ । କନ୍ୟାର ପିତାମାତା ବା ଅଭିଭାବକ କନ୍ୟାକୁ ପ୍ରଦାନ କରୁଥିବା ଯୌତୁକ ଠାରୁ ଏହା ଭିନ୍ନ ଏକ ପ୍ରାପ୍ୟ ।

ଏଠାରେ ବିବାହ ସମ୍ବନ୍ଧୀୟ ନିଷେଧାଜ୍ଞାମାନଙ୍କୁ ସ୍ପଷ୍ଟ ରୂପେ ଦର୍ଶାଯାଇଛି ଓ ତତ୍‌ପରେ କୁହାଯାଇଛି :

**(୪:୨୫) :** ଏହା ଅଲ୍ଲାଃଙ୍କ ତରଫରୁ ତୁମ ଉପରେ ଅନିବାର୍ଯ୍ୟ କରାଯାଇଛି ଯେ ଉପରେ ବର୍ଣ୍ଣିତ ନାରୀମାନଙ୍କ ବ୍ୟତୀତ ଅନ୍ୟମାନେ ତୁମମାନଙ୍କ ପାଇଁ (ବିବାହ ପରେ) ବୈଧ ହେବେ । ଯେଉଁମାନଙ୍କୁ ତୁମେମାନେ ନିଜର ଅର୍ଥ ବିନିମୟରେ ଆପଣାଇବାକୁ ଚାହୁଁଛ । ତାହା ଏହି ସର୍ତ୍ତରେ ଯେ ନିଜ ଚରିତ୍ରର ସୁରକ୍ଷା ପୂର୍ବକ ସେମାନଙ୍କ ସହିତ ବିବାହ କରିବ । କୌଣସି ପ୍ରକାର କୁକର୍ମର ବଶବର୍ତ୍ତୀ ହୋଇ ବ୍ୟଭିଚାର କରିବ ନାହିଁ । ଅତଃ, ଯଦି ତୁମେମାନେ ସେମାନଙ୍କ ଠାରୁ ଲାଭ ପାଉଥାଅ, ତେବେ ସେମାନଙ୍କ ପାଇଁ ନିର୍ଦ୍ଧାରିତ ହୋଇଥିବା ସେମାନଙ୍କର ମହେର (ସ୍ତ୍ରୀଧନ) ପ୍ରଦାନ କର । ମହେର୍ ନିର୍ଦ୍ଧାରିତ ହେବା ପରେ ତୁମେମାନେ ଏହାର ହ୍ରାସ ବୃଦ୍ଧି ବିଷୟରେ କୌଣସି ପରିବର୍ତ୍ତନ ପାଇଁ ଯଦି ପରସ୍ପର ମଧ୍ୟରେ

ସହମତ ହୋଇଯିବ, ସେଥିରେ ତୁମମାନଙ୍କର କୌଣସି ଦୋଷ ହେବନାହିଁ । ବାସ୍ତବରେ ଅଲ୍ଲାଃ ହିଁ ସର୍ବଜ୍ଞ ଓ ତତ୍ତ୍ୱଜ୍ଞ ।

ପତି ଓ ପତ୍ନୀଙ୍କ ମଧ୍ୟରେ ଜଣଙ୍କର ଅନ୍ୟ ଜଣକ ପ୍ରତି ପାରସ୍ପରିକ କର୍ତ୍ତବ୍ୟବୋଧ ରହିଛି । କିନ୍ତୁ ପୁରୁଷ ଉପାର୍ଜନକାରୀ ହୋଇଥିବାରୁ ପତ୍ନୀ ଓ ପରିବାରର ଭରଣପୋଷଣ ପାଇଁ ସେ ଦାୟୀ । ଗୃହର ପରିଚାଳନାରେ ମତଭେଦ ଦେଖାଦେଲେ, ସ୍ୱାମୀକୁ ଗୃହକର୍ତ୍ତା ଭାବରେ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ । ନଚେତ୍ ଗୃହ ଜଞ୍ଜାଳ ବିଷୟ ହାତରୁ ଖସିଯିବ ଓ ପରିବାର ଧ୍ୱଂସମୁଖୀ ହେବ ।

**(୨ : ୨୨୯) :** ନାରୀମାନଙ୍କର ବିଧି ଅନୁସାରେ ପୁରୁଷମାନଙ୍କ ଉପରେ ସେତିକି ଅଧିକାର ରହିଛି, ଯେତିକି ଅଧିକାର ପୁରୁଷଙ୍କର ମହିଳାଙ୍କ ପ୍ରତି ରହିଛି । ଅବଶ୍ୟ କେତେକ ସ୍ଥଳରେ ଶେଷ ନିଷ୍ପତ୍ତି ପୁରୁଷମାନଙ୍କର ହୋଇଥାଏ । ତେଣୁ ସେମାନଙ୍କ ଉପରେ ପୁରୁଷମାନଙ୍କର ଏକ ପ୍ରକାର ପ୍ରାଧାନ୍ୟ ରହିଛି । ଅଲ୍ଲାଃ ହିଁ ପରାକ୍ରମୀ (ଓ) ପରମ ବିବେକଶୀଳ ।

ନାରୀର ଶାରୀରିକ ଦୁର୍ବଳତା ଓ କୋମଳ ସ୍ୱଭାବ ପାଇଁ ତଥା ନାରୀ ଅସୁରକ୍ଷିତ ହୋଇ ଥିବାରୁ ପୁରୁଷମାନଙ୍କୁ ସେମାନଙ୍କର ଅଭିଭାବକ ରୂପେ ନିଯୁକ୍ତ କରାଯାଇଛି ।

**(୪ : ୩୫) :** ପୁରୁଷମାନେ ନାରୀମାନଙ୍କର ଅଭିଭାବକ ନିଯୁକ୍ତ ହୋଇଛନ୍ତି । କାରଣ ଅଲ୍ଲାଃ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଅନ୍ୟମାନଙ୍କ ଉପରେ ଶ୍ରେଷ୍ଠତା ପ୍ରଦାନ କରିଛନ୍ତି । ସେହି କାରଣ ଯୋଗୁଁ ସେମାନେ ନାରୀମାନଙ୍କ ପାଇଁ ନିଜର ଧନରୁ ବ୍ୟୟ କରନ୍ତି । ତେଣୁ ପୁଣ୍ୟବତୀ ନାରୀମାନେ ଆଜ୍ଞା ପାଳନକାରୀ ହୋଇଥାଆନ୍ତି ତଥା ଅଲ୍ଲାଃଙ୍କ ଆଦେଶ କ୍ରମେ ସ୍ୱାମୀମାନଙ୍କର ଅନୁପସ୍ଥିତିରେ ମଧ୍ୟ ସେହି ବସ୍ତୁର ସେ ସୁରକ୍ଷାକାରୀଣୀ ।

**(୪:୪୫)** ପତ୍ନୀ ଯଦି ନିରନ୍ତର ଅବାଧ୍ୟ ହୁଏ, ଯାହା ପାଇଁ ବିଦ୍ରୋହପୂର୍ଣ୍ଣ ବ୍ୟବହାରର ତୁମକୁ ଆଶଙ୍କା ରହିଥିବ, ତା' ହେଲେ ସେମାନଙ୍କୁ ପ୍ରଥମେ ଉପଦେଶ ଛଳରେ ଭର୍ତ୍ସନା କର । ତାହା ଯଦି ନିଷ୍ଫଳ ହୁଏ, ସାମୟିକ ଭାବେ ତାଙ୍କୁ ପ୍ରଣୟ ଶଯ୍ୟାରେ ଅଲଗା ଛାଡିଦିଅ । ପୁଣି ତାଙ୍କୁ ଆବଶ୍ୟକ ସ୍ଥଳେ କୋହଳ ଶାସ୍ତି ମଧ୍ୟ ଦିଅ ।

**(୪ : ୧୨୯)** : ଯଦି କୌଣସି ନାରୀକୁ ନିଜର ସ୍ୱାମୀ ତରଫରୁ ଅସଦାଚାରଣ ବା ଅବହେଳାର ଆଶଙ୍କା ଥାଏ ଏବଂ ପୁରୁଷ ଠାରୁ କଳହପୂର୍ଣ୍ଣ ବ୍ୟବହାର ତଥା ଉପେକ୍ଷା ଭାବର ଭୟ ରହିଥିବ, ତେବେ ସେମାନେ ଶାନ୍ତିପୂର୍ଣ୍ଣ ଭାବେ ପରସ୍ପର ମଧ୍ୟରେ ମୀମାଂସା କରିଦେଲେ ସେଥିରେ ସେ ଦୁହିଁଙ୍କ ଉପରେ କୌଣସି ପାପ ନାହିଁ । ଯେହେତୁ ସେମାନେ ମିଶିଯିବା ହିଁ ସର୍ବୋତ୍କୃଷ୍ଟ । ମନୁଷ୍ୟ ସ୍ୱଭାବତଃ ଧନଲୋଭୀ ଓ କୃପଣ ହୋଇ ଥିବା ଯୋଗୁଁ ଯଦି ତୁମେ ଉପକାର କରିବ ଓ ଈଶ୍ୱର ଭୟ ରଖି ଧର୍ମନିଷ୍ଠତା ସହିତ କର୍ତବ୍ୟରେ ମନଯୋଗୀ ହେବ, ତା' ହେଲେ ନିଃସନ୍ଦେହରେ ତୁମେ ଯାହା କର୍ମ କରୁଛ, ଅଲ୍ଲାଃ ସେଥିପ୍ରତି ସଂପୂର୍ଣ୍ଣ ଅବଗତ ଅଛନ୍ତି ।

ତେବେ ପରସ୍ପର ମଧ୍ୟରେ ବିଚାର ବିମର୍ଷ ଦ୍ୱାରା ପତିପତ୍ନୀଙ୍କ ପୁନର୍ମିଳନ ଘଟିବାରେ କୌଣସି ଅସୁବିଧା ହେଲେ କିମ୍ବା ତାହା କଷ୍ଟସାଧ୍ୟ ହେଲେ ପରାମର୍ଶଦାତା ବା ଓକିଲଙ୍କ ସହାୟତା ଲୋଡ଼ିବା ଆବଶ୍ୟକ । ଯେପରି କୁହାଯାଇଛି :

**(୪ : ୩୬) :** ଯଦି ତୁମେମାନେ ପତି ଓ ପତ୍ନୀଙ୍କ ମଧ୍ୟରେ କୌଣସି ବିଚ୍ଛେଦ ଘଟିବାର ଆଶଙ୍କା କର, ତା' ହେଲେ ପତିର ଆତ୍ମୀୟମାନଙ୍କ ମଧ୍ୟରୁ ଜଣେ ମଧ୍ୟସ୍ଥି ଓ ପତ୍ନୀର ଆତ୍ମୀୟମାନଙ୍କ ମଧ୍ୟରୁ ଜଣେ ମଧ୍ୟସ୍ଥି ନିଯୁକ୍ତ କର । ଯଦି ସେମାନେ ପୁନର୍ମିଳନ ପାଇ ଇଚ୍ଛା କରନ୍ତି ତେବେ ଅଲ୍ଲାଃ ପତି ଓ ପତ୍ନୀଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରାଇଦେବେ । ନିଶ୍ଚିତ ରୂପେ ଅଲ୍ଲାଃ ହିଁ ସର୍ବଜ୍ଞ (ଓ) ପୂର୍ଣ୍ଣ ସଚେତନ ।

# ଛାଡ଼ପତ୍ର

ପୁନର୍ମିଳନ ପାଇଁ ସମସ୍ତ ପ୍ରଚେଷ୍ଟା ବ୍ୟର୍ଥ ହେବାପରେ ବିବାହ ବନ୍ଧନରୁ ପୃଥକୀକରଣ ହିଁ ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟର ଏକମାତ୍ର ଉପଶମ ହୋଇପାରେ । ଅବଶ୍ୟ ମନେ ରଖିବା ଉଚିତ୍ ଯେ ଇସ୍‌ଲାମ୍ ଛାଡ଼ପତ୍ରକୁ ସାଦରେ ଗ୍ରହଣ କରେ ନାହିଁ । ଦିବ୍ୟ ବାର୍ତ୍ତାବହ ମୁହମ୍ମଦ[ସଅ] କହିଛନ୍ତି ଅଲ୍ଲାଃଙ୍କ ବିଚାରରେ ସମସ୍ତ ଅନୁମୋଦିତ କାର୍ଯ୍ୟ ମଧ୍ୟରେ ଛାଡ଼ପତ୍ର ସବୁଠାରୁ ଘୃଣାଜନକ ବିଷୟ ।

ଛାଡ଼ପତ୍ର ପତି କିମ୍ବା ପତ୍ନୀ ଦ୍ୱାରା ଆରମ୍ଭ କରାଯାଇପାରେ । ଅବଶ୍ୟ ପତ୍ନୀ ଦ୍ୱାରା ଏହାର ଉପକ୍ରମ କରାଯାଉଥିଲେ ଅଦାଲତ ଦ୍ୱାରା ନ୍ୟାୟ ବିଚାର କରାଯାଇ ଏହାକୁ କାର୍ଯ୍ୟକାରୀ କରିବା ସମ୍ଭବ । ତଦ୍ୱାରା ପତ୍ନୀର ଅଧିକାର ସଂପୂର୍ଣ୍ଣ ରୂପେ ସୁରକ୍ଷିତ ରହିପାରିବ ।

ଯଦି ମତପାର୍ଥକ୍ୟ ହୁଏ ଓ ପୁନର୍ମିଳନ ସମ୍ଭବପର ନହୁଏ ଏବଂ ପତି ପତ୍ନୀ ଠାରୁ ନିବୃତ୍ତ ରହିବାକୁ ସଂକଳ୍ପ କରେ, ଏପରି ପରିସ୍ଥିତିରେ ଚାରିମାସ ସମୟ ମଧ୍ୟରେ ସମାଧାନ କରାଯିବା ଉଚିତ ।

**(୨ : ୨୨୭-୮)** ଯେଉଁମାନେ ନିଜ ପତ୍ନୀମାନଙ୍କ ଠାରୁ ପୃଥକ ରହିବାକୁ ଶପଥ ନିଅନ୍ତି, ମନ ପରିବର୍ତ୍ତନ ପାଇଁ ସେମାନଙ୍କ ପାଇଁ ସର୍ବାଧିକ ଚାରିମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ତା'ପରେ ଯଦି ସେମାନେ ଏହି ସମୟ ମଧ୍ୟରେ ମିଳାମିଶା ପାଇଁ ସମାଧାନ ପନ୍ଥାକୁ ଲେଉଟି ଆସନ୍ତି, ତେବେ ଅଲ୍ଲାଃ ନିଃସନ୍ଦେହରେ ଅତ୍ୟନ୍ତ କ୍ଷମାଶୀଳ (ଓ) ସଦା କରୁଣାମୟ । ଯଦି ସେମାନେ ଛାଡ଼ପତ୍ର ଦେବାର ଦୃଢ ନିଷ୍ପତ୍ତି କରନ୍ତି, ତେବେ ଅଲ୍ଲାଃ ନିଶ୍ଚିତ ରୂପେ ବହୁତ ଶ୍ରବଣକାରୀ ଓ ସ୍ଥାୟୀ ଜ୍ଞାନର ଅଧିକାରୀ ।

ଛାଡ଼ପତ୍ର ପାଇଁ କେତେକ ବିଧିବଦ୍ଧ ବ୍ୟବସ୍ଥା ରହିଛି । ଏଗୁଡ଼ିକର ଉଦ୍ଦେଶ୍ୟ ଛାଡ଼ପତ୍ରକୁ ହାଲୁକା ଭାବରେ ଗ୍ରହଣ ନ କରିବାକୁ ଦୃଢ ନିଶ୍ଚିତ କରିବା ଅଥବା ମାନସିକ ଉତ୍ତେଜନା କିମ୍ବା କ୍ରୋଧର ବଶବର୍ତ୍ତୀ ହୋଇ ଏପରି ସମ୍ବେଦନଶୀଳ ପଦକ୍ଷେପ ଗ୍ରହଣ ନ କରିବା । ଯତ୍ନ ସହକାରେ ଉଭୟ ପକ୍ଷର ସ୍ଥିତି ବିଷୟରେ ଚିନ୍ତା କରିବାକୁ ହେବ । ଏହି ବିବାହ ଦ୍ୱାରା ଜନ୍ମିତ ଶିଶୁମାନଙ୍କର ପରିଣାମ ସମ୍ବନ୍ଧରେ ଚିନ୍ତା କରିବା ପରେ ଏକ ସୁସ୍ଥ ମନରେ ବୁଝିଶୁଝି କାର୍ଯ୍ୟ କରିବା ବିଧେୟ । ବିବାହ ବିଚ୍ଛେଦର କୁପରିମାଣକୁ ଲକ୍ଷ୍ୟ ରଖି କାର୍ଯ୍ୟପନ୍ଥା ନିର୍ଦ୍ଧାରିତ ହୋଇଛି, ଯଦ୍ଦ୍ୱାରା ଉଭୟ ପକ୍ଷ ଛାଡ଼ପତ୍ର ଅପରିହାର୍ଯ୍ୟ ହେବା ପୂର୍ବରୁ ଧୀରସ୍ଥିର ଭାବେ ଚିନ୍ତା କରିବା ତଥା ପୁନର୍ମିଳନ ପାଇଁ ଢ଼େର ସୁଯୋଗ ପାଇବେ ।

**(୨ : ୨୩୦) :** ଏପରି ଛାଡ଼ପତ୍ର ଯହିଁରେ ମିଳାମିଶା ସମ୍ଭବ ହୋଇପାରିବ, ତାହା ଦୁଇଥର ହୋଇପାରେ । ତା' ପରେ (ପତ୍ନୀକୁ)ସମୁଚିତ ଉପାୟରେ ହୁଏତ ଅଟକାଇ ରଖିବାକୁ ହେବ, ଯଦ୍ଦ୍ୱାରା ପୁନର୍ମିଳନ ସୁନିଶ୍ଚିତ

ହେବ ଅଥବା ଶିଷ୍ଟାଚାର ପୂର୍ବକ ପତ୍ନୀକୁ ବିଦାୟ ଦେବାକୁ ହେବ । ଯାହା କିଛି ତୁମେ ତାଙ୍କୁ ପୂର୍ବରୁ ଦେଇଥିଲ, ସେଥିରୁ କୌଣସି ଅଂଶ ମଧ୍ୟ ଫେରସ୍ତ ନେବା ତୁମମାନଙ୍କ ପାଇଁ ସମିଚୀନ ନୁହେଁ । ପତିର କୌଣସି ଦୋଷ ନଥାଇ ପତ୍ନୀ ଯଦି ପୃଥକ ହେବା ପାଇଁ ଚାହୁଥାଏ ଏବଂ ସେ ଦୁହେଁ ଆଶଙ୍କା କରୁଥାନ୍ତି ଯେ ସମ୍ପର୍କ ରକ୍ଷା କଲେ ଅଲ୍ଲାହଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମାକୁ ସେମାନେ ପାଳନ କରିପାରିବେ ନାହିଁ, ସେପରି ଅବସ୍ଥାରେ ପତ୍ନୀ ଯଦି ଆପୋଷ ନିଷ୍ପତ୍ତିରେ ଯାହାକିଛି କ୍ଷତିପୂରଣ ସ୍ୱରୂପ ଛାଡ଼ି ଦେବାକୁ ଇଚ୍ଛା କରେ, ତେବେ ସେ ବିଷୟରେ ସେମାନଙ୍କ ମଧ୍ୟରୁ କାହାରି ଉପରେ କିଛି ପାପ ଲାଗିବ ନାହିଁ । ଏହା ଅଲ୍ଲାହଙ୍କ ନିର୍ଦ୍ଧାରିତ ସୀମା, ତେଣୁ ସେସବୁର ଉଲଘଂନ କରନାହିଁ । ଯେଉଁ ବ୍ୟକ୍ତିମାନେ ଅଲ୍ଲାହଙ୍କ ନିର୍ଦ୍ଧାରିତ ସୀମାର ଉଲଘଂନ କରନ୍ତି, ସେମାନେ ହିଁ ପ୍ରକୃତରେ ଅତ୍ୟାଚାରୀ (ଓ ଦୋଷୀ) ହୋଇଥାନ୍ତି ।

**(୨ : ୨୩୧) :** ପୁଣି ଯଦି ସେ (ପୁରୁଷ), ତାର ପତ୍ନୀକୁ (ତୃତୀୟ ଥର) ତଲାକ ଦିଏ, ତେବେ ସେହି ଛାଡ଼ପତ୍ର ପରେ ମିଳାମିଶା ଅସମ୍ଭବ ହୋଇପଡେ । ତେବେ ଏହା ପରେ ତା'ପାଇଁ ପୁନର୍ବାର ସେହି ପୁରୁଷର ବିବାହ ସଂସର୍ଗରେ ଆସିବା ବୈଧ ହୋଇପାରିବ ନାହିଁ , ଯେପର୍ଯ୍ୟନ୍ତ ସେହି ସ୍ତ୍ରୀ ଅନ୍ୟ ପୁରୁଷକୁ ବିବାହ ନ କରିଛି । ପୁଣି ଯଦି ଦ୍ୱିତୀୟ ସ୍ୱାମୀ ମଧ୍ୟ ସେହି ମହିଳାକୁ ଛାଡ଼ପତ୍ର ଦେଇଦେବ (ବା ନିଜେ ମୃତ୍ୟୁବରଣ କରିବ), ସେହି ପରିସ୍ଥିତିରେ ଯଦି ସେମାନେ ଏଥର ମଧ୍ୟ ନିଶ୍ଚିତ ହୁଅନ୍ତି ଯେ ଅଲ୍ଲାହଙ୍କ ନିର୍ଦ୍ଧାରିତ ସୀମାକୁ ସେମାନେ ବଜାୟ ରଖିପାରିବେ, ତେବେ ପରସ୍ପର ସହିତ ପୁନର୍ମିଳନରେ କୌଣସି ପାପ ହେବ ନାହିଁ । ଏହାହିଁ ଅଲ୍ଲାହଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମା, ଯାହାକୁ ସେ ଜ୍ଞାନୀ ଲୋକମାନଙ୍କ ପାଇଁ ସ୍ପଷ୍ଟ ରୂପେ ବର୍ଣ୍ଣନା କରୁଛନ୍ତି ।

**(୨ : ୨୩୨) :** ଏବଂ ତୁମେମାନେ ପତ୍ନୀମାନଙ୍କୁ ତଲାକ ଦିଅ ଓ ସେମାନେ ନିଜର ନିର୍ଦ୍ଦିଷ୍ଟ ଅବଧି ପୂରଣ କରି ନିଅନ୍ତି, (ତେବେ ଇଚ୍ଛା କଲେ)ତୁମେ ବିଧିପୂର୍ବକ ସେମାନଙ୍କୁ ରୋକିପାର ଏବଂ ଇଚ୍ଛା କଲେ ସମୁଚିତ

ପନ୍ଥାରେ ସେମାନଙ୍କୁ ବିଦାୟ ଦିଅ । ଅର୍ଥାତ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅନୁସାରେ ଅନ୍ତିମ ପୃଥକୀକରଣ ହେବା ଉଚିତ୍ । କିନ୍ତୁ ଏଭଳି ନାରୀମାନଙ୍କୁ କଷ୍ଟ ଦେବା ଉଦ୍ଦେଶ୍ୟରେ ଅଟକାଇ ରଖନାହିଁ । ଯଦ୍ୱାରା ପରେ ତୁମେ ସେମାନଙ୍କ ପ୍ରତି ଅତ୍ୟାଚାର କରିପାରିବ । ଯେଉଁ ବ୍ୟକ୍ତି ସେଭଳି କରେ, ସେ ନିଶ୍ଚିତ ରୂପେ ନିଜ ପ୍ରତିହିଁ ଅତ୍ୟାଚାର କରେ । ଅଲ୍ଲାଃଙ୍କର ଆଦେଶଗୁଡ଼ିକର ଅବମାନନା କରନାହିଁ ଓ ଅଲ୍ଲାଃ ତୁମମାନଙ୍କ ଉପରେ କରିଥିବା କୃପାକୁ ମନେରଖ । ଏବଂ ଯାହା ସେ ଗ୍ରନ୍ଥ ଓ ତତ୍ୱଜ୍ଞାନ ମାଧ୍ୟମରେ ତୁମମାନଙ୍କ ପ୍ରତି ଅବତୀର୍ଣ୍ଣ କରିଛନ୍ତି, ଏହା ଦ୍ୱାରା ସେ ତୁମମାନଙ୍କୁ ଉପଦେଶ ଦେଇଛନ୍ତି । ଅଲ୍ଲାଃଙ୍କୁ ଭୟ କର ଓ ଅଲ୍ଲାଃଙ୍କ ପ୍ରତି ତୁମର କର୍ତ୍ତବ୍ୟରେ ମନଯୋଗୀ ହୁଅ ଏବଂ ଜାଣିଥାଅ ଯେ ଅଲ୍ଲାଃଙ୍କୁ ପ୍ରତ୍ୟେକ ବିଷୟ ଭଲ ଭାବରେ ଜଣାଅଛି ।

**(୨ : ୨୩୩):** ଯଦି ପୁନର୍ମିଳନ ଅସମ୍ଭବ ହୋଇପଡେ, ତୁମେମାନେ ତୁମର ପତ୍ନୀମାନଙ୍କୁ ଛାଡ଼ପତ୍ର ଦିଅ । ଏବଂ ଯଦି ସେମାନେ ନିର୍ଦ୍ଧାରିତ ସମୟ ସୀମାରେ ଉପନୀତ ହୁଅନ୍ତି ଅର୍ଥାତ ନିଜର ଇଦ୍ଦତ୍(ଅବଧି) ପୂରଣ କରିଦିଅନ୍ତି, ତେବେ ସେମାନଙ୍କୁ ନିଜ ମନୋନୀତ ପତିମାନଙ୍କ ସହିତ ବିବାହ କରିବାରେ ବାଧା ଦିଅ ନାହିଁ । ଯେବେକି ସେମାନେ ନିଜ ନିଜ ଭିତରେ ସମୁଚିତ ପନ୍ଥାରେ ଏହି କଥାରେ ସହମତି ପ୍ରକାଶ କରନ୍ତି । ଏହି ଉପଦେଶ ସେମାନଙ୍କୁ ଦିଆଯାଇଛି, ଯେଉଁମାନେ ଅଲ୍ଲାଃ ଏବଂ ଅନ୍ତିମ ଦିବସ ଉପରେ ବିଶ୍ୱାସ ରଖୁଥାନ୍ତି । ତେବେ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ପାଇଁ ଏହା ଏକ ଚେତାବନୀ ।

ଏହା ତୁମମାନଙ୍କ ପକ୍ଷରେ ସବୁଠାରୁ ଅଧିକ ମଙ୍ଗଳକର । ଏହା ତୁମମାନଙ୍କୁ ସବୁଠାରୁ ଅଧିକ ପୁଣ୍ୟ ଓ ପବିତ୍ର କରିବାର ଉପାୟ । ଏହି ବିଷୟ ଅଲ୍ଲାଃ ଜାଣନ୍ତି, କିନ୍ତୁ ତୁମେମାନେ ଜାଣିନାହଁ ।

**୨ : ୨୨୯ :** ଏବଂ ତଲାକ ପ୍ରାପ୍ତ ସ୍ତ୍ରୀମାନଙ୍କୁ ତିନୋଟି ମାସିକ ଋତୁସ୍ରାବ ଅବଧି ପର୍ଯ୍ୟନ୍ତ ଅଟକାଇ ରଖିବାକୁ ହେବ । ଯଦି ସେମାନେ ଅଲ୍ଲାଃ ଏବଂ

ସଂକଳ୍ପ କରନାହିଁ ଏବଂ ଜାଣିରଖ ଯେ ତୁମମାନଙ୍କ ଅନ୍ତରରେ ଯାହା କିଛି ମଧ୍ୟ ରହିଛି, ଅଲ୍ଲାଃ ତାହା ଜାଣନ୍ତି । ତେଣୁ ତାହାଙ୍କ କୋପରୁ ବଂଚିତ ହୁଅ ଓ ସାବଧାନ ରୁହ । ପୁନଶ୍ଚ ଜାଣିରଖ ଯେ ଅଲ୍ଲାଃ ହିଁ କ୍ଷମାଶୀଳ (ଓ) ସର୍ବ ସହନଶୀଳ ।

୨ : ୨୪୧ : ତୁମ୍ଭମାନଙ୍କ ମଧ୍ୟରୁ ଯେଉଁମାନଙ୍କର ମୃତ୍ୟୁ ହୋଇଯାଏ ଓ ନିଜ ପଛରେ ବିଧବା ପତ୍ନୀ ଛାଡ଼ି ଯାଆନ୍ତି, ସେମାନେ ନିଜ ପତ୍ନୀମାନଙ୍କୁ ଏକ ବର୍ଷ ପର୍ଯ୍ୟନ୍ତ ନିଜ ଶ୍ୱଶୁରାଳୟରୁ ବାହାର ନକରି ସାଦରେ ରଖିବାକୁ ମୃତ୍ୟୁ ପୂର୍ବରୁ ଓସିୟତ (ଇଚ୍ଛାପତ୍ର) କରିଯିବା ଉଚିତ୍ । ଏବଂ ସେମାନଙ୍କୁ ଘରୁ ବାହାର କରାଯିବ ନାହିଁ । କିନ୍ତୁ ଯଦି ସେମାନେ ସ୍ୱଇଚ୍ଛାରେ ନିଜ (ଇଦ୍ଦତ୍ ସମୟ ଶେଷ ହେବାପରେ) ବାହାରି ଚାଲି ଯାଆନ୍ତି, ତେବେ ସେମାନେ ନିଜ ସଂକ୍ରାନ୍ତରେ ଯାହା କିଛି ପସନ୍ଦ କରି ଯଦି ସ୍ୱୟଂ କୌଣସି ସମୁଚିତ ନିର୍ଣ୍ଣୟ କରନ୍ତି, ସେଥିପାଇଁ ତୁମମାନଙ୍କୁ ନିନ୍ଦା କରିବାର କିଛି ନାହିଁ ଓ ସେଥିରେ ତୁମର ପାପ ହେବ ନାହିଁ । ଅଲ୍ଲାଃ ହିଁ ପରାକ୍ରମୀ (ଓ) ପରମ ବିବେକଶୀଳ ।

୨ : ୨୪୨ : ଛାଡ଼ପତ୍ର ପ୍ରାପ୍ତ ମହିଳାମାନଙ୍କ ପାଇଁ ମଧ୍ୟ ସାମର୍ଥ୍ୟ ଅନୁସାରେ ସମୁଚିତ ବ୍ୟବସ୍ଥା ଆବଶ୍ୟକ । ଅର୍ଥାତ ତଲାକପ୍ରାପ୍ତ ମହିଳାମାନଙ୍କୁ ମଧ୍ୟ ବିଧିପୂର୍ବକ କିଛି ଲାଭ ପହଂଚାଇବା ଉଚିତ । ଏହା ପୁଣ୍ୟବାନ୍ ବ୍ୟକ୍ତିମାନଙ୍କର ଏକ ସୁନିଶ୍ଚିତ କର୍ତ୍ତବ୍ୟ ।

୨ : ୨୩୭ : ଯଦି ତୁମେମାନେ କୌଣସି ପରିସ୍ଥିତିର ତାଡ଼ନାରେ ପଡି ନାରୀମାନଙ୍କୁ କେବେ ହେଁ ସ୍ପର୍ଶ କରିନାହ କିମ୍ବା ସେମାନଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ମହେର୍ (ସ୍ତ୍ରୀଧନ) ସ୍ଥିର କରିନାହ, କିନ୍ତୁ ତା' ପୂର୍ବରୁ ତୁମେ ପତ୍ନୀଙ୍କୁ ଏପରି ଅବସ୍ଥାରେ ତଲାକ୍ (ଛାଡ଼ପତ୍ର) ଦିଅ, ତେବେ ତୁମର କୌଣସି ପାପ ହେବ ନାହିଁ ଏବଂ ସେମାନଙ୍କୁ ଲାଭ ପହଂଚାଅ । ଏଭଳି ପରସ୍ଥିତିରେ ଧନଶାଳୀ ବ୍ୟକ୍ତି ନିଜ ସାମର୍ଥ୍ୟ ଅନୁସାରେ ଏବଂ ଦରିଦ୍ର ବ୍ୟକ୍ତି ନିଜ ସାମର୍ଥ୍ୟ ଅନୁସାରେ କିଛି ସାମଗ୍ରୀ ଦେବା ନିର୍ଦ୍ଧାରିତ କରାଯାଇଛି । ଏହି ଧନଦ୍ରବ୍ୟ

ପରକାଳ ଦିବସ ଉପରେ ବିଶ୍ୱାସ କରନ୍ତି, ତେବେ ଅଲ୍ଲାଃ ସେମାନଙ୍କ ଗର୍ଭରେ ଯାହାକିଛି ସୃଷ୍ଟି କରିଛନ୍ତି, ତାହା ଗୋପନ ରଖିବା ସେମାନଙ୍କ ପକ୍ଷରେ ଉଚିତ୍ ନୁହେଁ । ଯଦି ଏପରି ସ୍ଥିତିରେ ସେମାନଙ୍କର ପତିମାନେ ସୁଧାର କରିବାକୁ ଚାହୁଥାନ୍ତି ଓ ଏହି ସମୟ ମଧ୍ୟରେ ମିଳାମିଶା ପାଇଁ ଇଚ୍ଛା କରୁଥାନ୍ତି, ତେବେ ବିବାହକୁ ସମ୍ପୂର୍ଣ୍ଣ ଛାଡ଼ପତ୍ର ଦ୍ୱାରା ଚୁଡାନ୍ତ ନକରି ସେହି ପତ୍ନୀମାନଙ୍କୁ ଫେରାଇ ନେବାକୁ ତୁମେ ଅଧିକ ହକ୍‌ଦାର୍ ।

ରଦ୍ଦଯୋଗ୍ୟ ଛାଡ଼ପତ୍ର ଘୋଷଣା କରିବା ପରେ ଉଭୟ ପତିପତ୍ନୀ ପୁନର୍ମିଳନ ପାଇଁ ଯଦି ସହମତି ପ୍ରକାଶ କରନ୍ତି, ତେବେ ସେହି ଘୋଷଣା ରଦ୍ଦ କରିବା ଉଚିତ୍ ।

**୨ : ୨୩୪ :** ନିଜ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ପଛରେ ଛାଡି ଯାଇଥିବା ବିଧବା ପତ୍ନୀମାନେ ନିଜକୁ ଚାରି ମାସ ଦଶଦିନ (ଇଦ୍ଦତ୍ ସମୟ) ପର୍ଯ୍ୟନ୍ତ ରୋକି ରଖନ୍ତୁ । ପୁଣି ଯେତେବେଳେ ସେମାନେ ନିଜ (ନିର୍ଦ୍ଧାରିତ) ଅବଧିରେ ପହଞ୍ଚିଯିବେ, ପୁଣି ସେମାନେ ନିଜ ସଂକ୍ରାନ୍ତରେ ସମୁଚିତ ପନ୍ଥାରେ ଯାହାବି (ନିଷ୍ପତ୍ତି) କରିବେ, ତହିଁରେ ତୁମମାନଙ୍କର କୌଣସି ପାପ ନାହିଁ । ତୁମେମାନେ ଯାହା କରୁଅଛ, ଅଲ୍ଲାଃ ସେ ବିଷୟରେ ସବୁବେଳେ ଅବଗତ ଅଛନ୍ତି ।

**୨ : ୨୩୬ :** ଛାଡ଼ପତ୍ର ପ୍ରାପ୍ତ ନାରୀ କିମ୍ବା ବିଧବା ନାରୀମାନଙ୍କୁ ବିବାହର ପ୍ରସ୍ତାବ ସଂକ୍ରାନ୍ତରେ ତୁମେମାନେ ସେମାନଙ୍କୁ ସଙ୍କେତ ଦେବା କିମ୍ବା ଏହାକୁ ନିଜ ହୃଦୟରେ ଗୋପନ ରଖିବା ଅର୍ଥାତ ବିବାହର ସମ୍ଭାବନା ସମ୍ବନ୍ଧରେ ଚିନ୍ତା କରିବା ତୁମମାନଙ୍କ ପକ୍ଷେ ଦୋଷାବହ ହେବନାହିଁ । ଅଲ୍ଲାଃ ଜାଣନ୍ତି ଯେ ତୁମମାନଙ୍କ ମନରେ ଅବଶ୍ୟ ସେମାନଙ୍କ ସମ୍ବନ୍ଧରେ ଭାବନା ଆସିବ । କେବଳ ନିଜର ଅନୁରାଗ ବିଷୟରେ କେତେକ ସମୁଚିତ ଓ ଭଲ କଥା କହିବାର କିଞ୍ଚିତ ଧାରଣା ଦେବା ବ୍ୟତୀତ ତୁମେମାନେ ସେମାନଙ୍କୁ କିଛି ଗୁପ୍ତ ପ୍ରତିଶ୍ରୁତି ଦିଅନାହିଁ । ଅର୍ଥାତ ଗୋପନରେ କୌଣସି ଚୁକ୍ତି କରନାହିଁ । ଯେ ପର୍ଯ୍ୟନ୍ତ ଇଦ୍ଦତ୍‌ର ନିର୍ଦ୍ଧାରିତ ସମୟ ଶେଷ ସୀମାରେ ପହଞ୍ଚି ନାହିଁ, ସେ ପର୍ଯ୍ୟନ୍ତ ତୁମେମାନେ ବିବାହର

ଦେବା ବିଧିସଂଗତ । ଉପକାର କରୁଥିବା ପୁଣ୍ୟବାନ୍ ବ୍ୟକ୍ତିମାନଙ୍କ ପାଇଁ ଏହି କର୍ତ୍ତବ୍ୟ ଧାର୍ଯ୍ୟ କରାଯାଇଛି ।

୨ : ୨୩୮ : 'ମହେର୍' ଧାର୍ଯ୍ୟ ହେବା ପରେ ଅଥଚ ସେମାନଙ୍କୁ ସ୍ପର୍ଶ କରିବା ପୂର୍ବରୁ ଯଦି ତୁମେମାନେ ତଲାକ୍ (ଛାଡ଼ପତ୍ର) ଦିଅ, ତେବେ ଯେଉଁ ମହେର୍ ତୁମେମାନେ ଧାର୍ଯ୍ୟ କରିଛ, ତାହାର ଅର୍ଦ୍ଧେକ ସେମାନଙ୍କୁ ଦେବାକୁ ହେବ । କିନ୍ତୁ ତାହା ବ୍ୟତୀତ ଯଦି ସେହି ମହିଳାମାନେ କ୍ଷମାଗୁଣେ ଛାଡ଼ କରିଦିଅନ୍ତି ଅଥବା ସେହି ବ୍ୟକ୍ତି (ଅଭିବାବକ) ଛାଡ଼ କରିଦେବ ଯାହାଙ୍କ ହାତରେ ବିବାହର ବନ୍ଧନ ରହିଛି । ନଚେତ ଯଦି ସ୍ୱାମୀ ନିଜ ଇଚ୍ଛାରେ ଅର୍ଦ୍ଧାଧିକ ଦେବାକୁ ମନ ବଳାଇବ । ଏବଂ ତୁମର କ୍ଷମା କରିଦେବା ଧର୍ମନିଷ୍ଠତାର ଅଧିକ ନିକଟବର୍ତ୍ତୀ ଓ ଯେପରି ହେଉନା କାହିଁକି ଏହା ଏକ ମହାନ କର୍ତବ୍ୟ । ପରସ୍ପର ଉପକାର (ପୂର୍ଣ୍ଣ ବ୍ୟବହାର)କୁ ପାଶୋରୀ ଦିଅନାହିଁ ଓ ତୁମେମାନେ ପରସ୍ପର ମଧ୍ୟରେ ହିତ ସାଧନର କୌଣସି ସୁଯୋଗକୁ ଉପେକ୍ଷା କରନାହିଁ । ଯାହା ତୁମେ କରୁଅଛ, ନିଃସନ୍ଦେହରେ ଅଲ୍ଲାଃ ତାହା ଉପରେ ବିଶେଷ ଦୃଷ୍ଟି ରଖିଛନ୍ତି ।

୨ : ୨୩୪ : ଛାଡ଼ପତ୍ର ଅବସ୍ଥାରେ ଆବଶ୍ୟକତା ଅନୁସାରେ ଜନନୀ ନିଜ ନବଜାତ ଶିଶୁମାନଙ୍କୁ ଦୁଇବର୍ଷ ପର୍ଯ୍ୟନ୍ତ ମା' କ୍ଷୀର ପିଆଇବାକୁ ଦିଅନ୍ତୁ । ଏହା ସେହି ପୁରୁଷମାନଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ଦୁଗ୍ଧ ପାନ ଅବଧିକୁ ସଂପୂର୍ଣ୍ଣ କରିବାକୁ ଚାହାନ୍ତି । ତଦନୁସାରେ ସନ୍ତାନର ପିତା ସେ ସମୟରେ ମାତାର ଭରଣ ପୋଷଣର ଦାୟୀତ୍ୱ ସମୁଚିତ ଢଙ୍ଗରେ ବହନ କରିବା ଉଚିତ୍ । କୌଣସି ପ୍ରାଣୀକୁ ତା'ର ସାମର୍ଥ୍ୟ ଠାରୁ ଅଧିକ ଦାୟୀତ୍ୱର ବୋଝ ଲଦି ଦିଆଯାଏ ନାହିଁ । ପିଲାଙ୍କ ବିଷୟରେ ମାତାକୁ କଷ୍ଟ ଦିଆନଯାଉ ନା ପିତାକୁ ନିଜ ସନ୍ତାନ ଯୋଗୁଁ । କୌଣସି ମାତା କିମ୍ବା ପିତା ନିଜର ସନ୍ତାନ କାରଣରୁ ଭାରାକ୍ରାନ୍ତ ନ ହୁଅନ୍ତୁ ଓ ସେମାନେ ଉଦ୍‌ବେଗ ପ୍ରକାଶ ନ କରନ୍ତୁ । ଏହି ଆଦେଶ ସେମାନଙ୍କ ଦାୟାଦ ଉପରେ ମଧ୍ୟ ଲାଗୁ ହେବ ଅର୍ଥାତ ଉତ୍ତରାଧିକାରୀ ପାଇଁ ପ୍ରଯୁଜ୍ୟ । ଯଦି ଉଭୟେ

ସହମତି କ୍ରମେ କ୍ଷୀରପାନ ଛଡାଇବାକୁ ନିଷ୍ପତ୍ତି କରନ୍ତି, ତେବେ ଏଥିରେ ସେମାନଙ୍କର କୌଣସି ଅପରାଧ ନାହିଁ ଏବଂ ଯଦି ତୁମେମାନେ ନିଜ ସନ୍ତାନକୁ ଅନ୍ୟ କୌଣସି ମହିଳାର ସ୍ତନ୍ୟପାନ କରାଇବାକୁ ଇଚ୍ଛାକର, ସେଥିରେ ତୁମମାନଙ୍କର କୌଣସି ପାପ ନାହିଁ । ଅବଶ୍ୟ ତାହା ଏହି ସର୍ତ୍ତରେ ହୋଇଥିବ ଯେ ଏଥିପାଇଁ ତୁମେମାନେ(ତାଙ୍କୁ) ଯାହା ପାରିତୋଷିକ ଦେବାକୁ ସମ୍ମତ ହୋଇଛ, ତାହା ଦେଇସାରିଛ । ଏବଂ ଅଲ୍ଲାଃଙ୍କୁ ଭୟ କର । ଅଲ୍ଲାଃଙ୍କ ପ୍ରତି ନିଜ କର୍ତ୍ତବ୍ୟରେ ସଦା ମନଯୋଗୀ ହୁଅ ଏବଂ ଜାଣିରଖ ଯେ ତୁମେମାନେ ଯାହା କରୁଛ, ତୁମ କାର୍ଯ୍ୟକଳାପ ଉପରେ ଅଲ୍ଲାଃ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ।

ଉପରୋକ୍ତ କୁରଆନ ପଙ୍କ୍ତିରେ ବର୍ଣ୍ଣିତ ସମସ୍ତ ବିଷୟବସ୍ତୁର ସାରାଂଶ ନିମ୍ନରେ ପ୍ରଦତ୍ତ ହେଉଛି :

**(୬୫ : ୨) :** ହେ ନବୀ, ଯେବେ ତୁମେ ଓ ତୁମର ଅନୁଗାମୀମାନେ ନିଜର ପତ୍ନୀମାନଙ୍କୁ ଛାଡ଼ପତ୍ର ଦିଅ, ତେବେ ଛାଡ଼ପତ୍ରକୁ କାର୍ଯ୍ୟକାରୀ କରିବାପାଇଁ ଗଣନା ଅନୁସାରେ ଇଦ୍ଦତ୍‌ର ନିର୍ଦ୍ଧାରିତ ସମୟ ପାଳନ କର ଓ ତୁମମାନଙ୍କର ପାଳନକର୍ତ୍ତା ଅଲ୍ଲାଃଙ୍କୁ ଭୟକର । ସେମାନଙ୍କୁ ଗୃହରୁ ବିତାଡିତ କରନାହିଁ କିମ୍ବା ସେମାନେ ଗୃହରୁ ନିଜେ ବାହାରନ୍ତୁ ନାହିଁ । ସେପରି ପରିସ୍ଥିତି ସୃଷ୍ଟି ନ ହେଲେ ଯେ ସେମାନେ ପ୍ରକାଶ୍ୟ ଅଶ୍ଳୀଳତା ଆଚରଣରେ ଦୋଷୀ ରୂପେ ପଡିଯାଇଛନ୍ତି । ଏସବୁ ଅଲ୍ଲାଃଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମା ଏବଂ ଯେ କେହି ଅଲ୍ଲାଃଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମାର ଉଲଙ୍ଘନ କରେ, ସେ ନିଜ ପ୍ରାଣ ପ୍ରତି ଅତ୍ୟାଚାର କରିଥାଏ । ପ୍ରତୀକ୍ଷାର ସମୟ ଏଥିପାଇଁ ନିର୍ଦ୍ଧାରିତ କରାଯାଇଛି, ଯେହେତୁ ତୁମେ ଜାଣନାହିଁ ଯେ ସମ୍ଭବତଃ ଅଲ୍ଲାଃ ସେ ସମୟ ମଧ୍ୟରେ କୌଣସି (ନୂତନ) ନିଷ୍ପତ୍ତି ପ୍ରକାଶ କରିପାରନ୍ତି ।

**(୬୫ : ୩) :** ସୁତରାଂ ଯେତେବେଳେ ସେମାନେ ନିଜର ନିର୍ଦ୍ଧାରିତ ଅବଧି (ଇଦ୍ଦତ୍)କୁ ପହଞ୍ଚି ଯିବେ, ସେତେବେଳେ ସେମାନଙ୍କୁ ସମୁଚିତ ଢଙ୍ଗରେ ଅଟକାଇ ଦିଅ କିମ୍ବା ସେମାନଙ୍କୁ ସମୁଚିତ ଢଙ୍ଗରେ ପୃଥକ

କରି ଦିଅ । ଏବଂ ନିଜ ଭିତରୁ ଦୁଇ ଜଣ ନ୍ୟାୟ ପରାଣୟ ବ୍ୟକ୍ତିଙ୍କୁ ସାକ୍ଷୀ ରୂପେ ନିଯୁକ୍ତ କର ଏବଂ ଅଲ୍ଲାଃଙ୍କ ସକାଶେ ସାକ୍ଷ୍ୟ ସ୍ଥିର କର । ଅଲ୍ଲାଃ ଓ ଅନ୍ତିମ ଦିବସ ଉପରେ ବିଶ୍ୱାସ ସ୍ଥାପନ କରିଥିବା ବ୍ୟକ୍ତିଙ୍କ ପାଇଁ ଏହି ଉପଦେଶ ଦିଆଯାଉଛି ।

**(୬୫ : ୪) :** ତୁମମାନଙ୍କ ପତ୍ନୀମାନଙ୍କ ମଧ୍ୟରୁ ଯେଉଁମାନେ ମାସିକ ଋତୁସ୍ରାବରୁ ଆଶା ହରାଇଛନ୍ତି, ଯଦି (ସେମାନଙ୍କ ଇଦ୍ଦତ୍ ସଂକ୍ରାନ୍ତରେ) ତୁମେମାନେ ସନ୍ଦେହରେ ଥାଅ, ତେବେ ସେମାନଙ୍କ ଇଦ୍ଦତ୍ ର ଅବଧି ତିନିମାସ ଏବଂ ଋତୁସ୍ରାବ ହେଉ ନଥିବା ମହିଳାମାନଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ । ଯେଉଁ ମହିଳାମାନେ ଗର୍ଭବତୀ ଥାଆନ୍ତି, ସେମାନଙ୍କ 'ଇଦ୍ଦତ୍' ସମୟ ପ୍ରସବ ପର୍ଯ୍ୟନ୍ତ ରହିବ ।

**(୬୫:୭-୮) :** ନିଜର ସାମର୍ଥ୍ୟ ଅନୁସାରେ ତୁମେମାନେ ଯେଉଁଠାରେ ରହୁଥାଅ, ସେଠାରେ ସେମାନଙ୍କୁ ରଖ ଓ ସେମାନଙ୍କୁ କୌଣସି ପ୍ରକାର ପୀଡ଼ା ଦିଅନାହିଁ, ଯଦ୍ଦ୍ୱାରା ସେମାନଙ୍କ ଜୀବନ ନିର୍ବାହ କଷ୍ଟକର ହୋଇଯିବ । ଯଦି ସେମାନେ ଗର୍ଭବତୀ ହୋଇଥାଆନ୍ତି, ତେବେ ସେମାନେ ପ୍ରସବ କରିବା ପର୍ଯ୍ୟନ୍ତ ସେମାନଙ୍କ ସକାଶେ ବ୍ୟୟ କର । ପୁଣି ଯଦି ସେମାନେ ତୁମମାନଙ୍କ ଶିଶୁମାନଙ୍କୁ ଦୁଗ୍ଧ ପାନ କରାନ୍ତି, ତେବେ ସେମାନଙ୍କୁ ଉଚିତ୍ ପାରିଶ୍ରମିକ ପ୍ରଦାନ କର ଓ ପରସ୍ପର ମଧ୍ୟରେ ଆଲୋଚନା କରି ନ୍ୟାୟୋଚିତ ଉପାୟରେ ସହମତିର ବାତାବରଣ ଉତ୍ପନ୍ନ କର । ଯଦି ତୁମେମାନେ ବୁଝାମଣା କରିବାରେ ଜଣେ ଅନ୍ୟ ଜଣକର ଅସୁବିଧାକୁ ଅନୁଭବ କରିବ, ତା'ହେଲେ ସେହି ଶିଶୁକୁ (ପିତାଙ୍କ ପକ୍ଷରୁ) ଅନ୍ୟ କୌଣସି ମହିଳା ଦୁଗ୍ଧ ପାନ କରାଉ ।

ସ୍ୱଚ୍ଛଳ ବ୍ୟକ୍ତି ଦୁଗ୍ଧ ପାନ କରାଉଥିବା ମହିଳାଙ୍କ ପାଇଁ ନିଜ ସାମର୍ଥ୍ୟ ଅନୁସାରେ ବ୍ୟୟ କରିବା ଉଚିତ୍ ଏବଂ ଯାହାର ଉପାର୍ଜନ କମ୍ ହୋଇଥିବ, ଯାହା ଅଲ୍ଲାଃ ତାକୁ ଦେଇଥିବେ, ସେଥିରୁ ସେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟୟ କରିବା ଉଚିତ୍ । ଅଲ୍ଲାଃ ଅର୍ପଣ କରିଥିବା ସାମର୍ଥ୍ୟ ବାହାରେ କାହାରି ଠାରୁ କିଛି ଆବଶ୍ୟକ କରନ୍ତି ନାହିଁ । ଯେଉଁମାନେ ଅଭାବଗ୍ରସ୍ତ, ଅଲ୍ଲାଃ ସେମାନଙ୍କ ପାଇଁ ଅବଶ୍ୟ ଏକ ସ୍ୱଚ୍ଛଳାବସ୍ଥା ସୃଷ୍ଟି କରି ଦିଅନ୍ତି ।

# ବହୁ ବିବାହ

ବହୁ ପତ୍ନୀ ଗ୍ରହଣ ନିର୍ଦ୍ଦିଷ୍ଟ ଭାବରେ ଐଶ୍ୱରିକ ନିର୍ଦ୍ଦେଶ ଦ୍ୱାରା କୌଣସି ଧର୍ମରେ ନିଷିଦ୍ଧ କରାଯାଇ ନାହିଁ କିମ୍ବା ଇସ୍ଲାମ୍ ବ୍ୟତୀତ ଅନ୍ୟ କୌଣସି ଧର୍ମରେ ପତ୍ନୀ ସଂଖ୍ୟା ସୀମିତ କରାଯାଇ ନାହିଁ । ଇସ୍ଲାମ୍ ଏକାଧିକ ପତ୍ନୀ ଗ୍ରହଣକୁ ଅନୁମତି ଦେଇଛି, କିନ୍ତୁ ସେମାନଙ୍କ ସଂଖ୍ୟା ଚାରି ମଧ୍ୟରେ ସୀମିତ ରଖିଛି ଏବଂ ଅନୁମତି ଏହି ସର୍ତ୍ତରେ ଦିଆଯାଇଛି ଯେ ପତ୍ନୀମାନଙ୍କ ସହିତ ନ୍ୟାୟୋଚିତ ବ୍ୟବହାର କରାଯିବ ।

**(୪ : ୪) :** କିନ୍ତୁ (ସ୍ତ୍ରୀମାନଙ୍କ ମଧ୍ୟରେ ଯଦି) ନ୍ୟାୟ ବିଚାର କରିପାରିବ ନାହିଁ ବୋଲି ଆଶଙ୍କା ହୁଏ, ତେବେ ଜଣକୁ ମାତ୍ର ବିବାହ କର ।

ଏକାଧିକ ପତ୍ନୀ ସ୍ଥଳରେ ପତ୍ନୀମାନଙ୍କ ସହିତ ନ୍ୟାୟୋଚିତ ଆଚରଣ ଓ ସମାନତା ରକ୍ଷା କରିବା ଅର୍ଥାତ୍ ସେସବୁ ନ୍ୟାୟିକ ଦୃଷ୍ଟିରୁ ସମାନ ବଣ୍ଟନ ବ୍ୟବସ୍ଥା ଏକ ସମ୍ବେଦନଶୀଳ ବିଷୟ । ଅବଶ୍ୟ ଏଭଳି ବିଷୟରେ ସମାନତାର ଶିକ୍ଷା ଦିଆଯାଇ ନାହିଁ, ଯାହା ଉପରେ ପୁରୁଷର ନିୟନ୍ତ୍ରଣ ନାହିଁ । ଉଦାହରଣ ସ୍ୱରୂପ ସ୍ନେହ ଓ ଅନୁରକ୍ତିର ମାତ୍ରା । ଏହା ଏକ ସାଧାରଣ ନିୟମ ଦ୍ୱାରା ପରିଚାଳିତ ।

**(୨ : ୮୭) :** ଅଲ୍ଲାହ୍ କାହାରିକୁ ନିଜ ସାମର୍ଥ୍ୟ ବାହାରେ କିଛି ଆଦେଶ କରନ୍ତି ନାହିଁ । କିନ୍ତୁ ଏଥିପାଇଁ ମଧ୍ୟ ଏକ ନିର୍ଦ୍ଦିଷ୍ଟ ବ୍ୟାଖ୍ୟାନ ରହିଛି ।

**(୪ : ୧୩୦) :** ତୁମେମାନେ ଯେତେ ଇଚ୍ଛା କଲେ ମଧ୍ୟ ପତ୍ନୀମାନଙ୍କ ମଧ୍ୟରେ ସଂପୂର୍ଣ୍ଣ ନ୍ୟାୟପୂର୍ଣ୍ଣ ସମାନତା ରକ୍ଷା କରିପାରିବ ନାହିଁ । କିନ୍ତୁ (ତାହାର ଅର୍ଥ ନୁହେଁ ଯେ) ଜଣକୁ ସନ୍ଦେହରେ ପକାଇ ଅନ୍ୟ ଜଣକ ଆଡ଼କୁ ସଂପୂର୍ଣ୍ଣ ରୂପେ ଢ଼ଳିଯାଅ ନାହିଁ । ଯଦି ତୁମେମାନେ ସମନ୍ୱୟ ରକ୍ଷା କରିବ ଏବଂ ଅଲ୍ଲାହଙ୍କ ପ୍ରତି ତୁମ କର୍ତ୍ତବ୍ୟରେ ମନଯୋଗୀ ହେବ, ନିଶ୍ଚୟ ଅଲ୍ଲାହ୍‌ହିଁ ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ ।

ପାଶ୍ଚାତ୍ୟ ଅନୁଗ୍ରହ ପାଇଁ ଉଦବିଗ୍ନ ଓ ଆଗ୍ରହୀ କିଛି ମୁସ୍ଲିମ ଲେଖକ ଯୁକ୍ତି ବାଢ଼ନ୍ତି ଯେ ସମାନ ବ୍ୟବହାର ଭିତ୍ତିରେ ବହୁ ପତ୍ନୀ ଗ୍ରହଣ ପାଇଁ (୪:୪) ଦିଆଯାଇଥିବା ଅନୁମତିରେ ସମାନ ବ୍ୟବହାର ପ୍ରଦର୍ଶନ କରିବା ଅସମ୍ଭବ (୪ : ୧୩୦) ହୋଇଥିବାରୁ କାର୍ଯ୍ୟତଃ ରଦ୍ଦ କରି ଦିଆଯାଇଛି । ଏପରି ଜରୁରୀ ଆବଶ୍ୟକତାର

ଇସ୍‌ଲାମ୍‌ର ପ୍ରାରମ୍ଭିକ ବର୍ଷମାନଙ୍କରେ ସ୍ୱର୍ଗୀୟ ଆହ୍ୱାନର ଉତ୍ତରରେ ବିଶେଷତଃ ଜଣେ ପୁରୁଷ ଜୀବନ ଉତ୍ସର୍ଗ କରିବାକୁ ଅଙ୍ଗୀକାର କରୁଥିଲା । ମକ୍କାରେ ଅନେକଙ୍କୁ ପ୍ରାଣବଳୀ ଦେବାକୁ ପଡ଼ିଥିଲା । ଆହୁରି ଅନେକଙ୍କୁ ମଦିନାରେ ଓ ଅନ୍ୟତ୍ର ଯୁଦ୍ଧ କ୍ଷେତ୍ରରେ ମଧ୍ୟ ପ୍ରାଣବଳୀ ଦେବାକୁ ପଡ଼ିଥିଲା । ଯଦିଚ ନାରୀମାନେ ସଂପୂର୍ଣ୍ଣ ରୂପେ ଏତାଦୃଶ ବଳୀଦାନରୁ ମୁକ୍ତ ନଥିଲେ, ତଥାପି ତୁଳନାତ୍ମକ ଭାବରେ ଅଳ୍ପ କେତେକ ନାରୀଙ୍କୁ ଏହି ଚରମ ବଳୀଦାନ ଦେବା ପାଇଁ ଆହ୍ୱାନ କରାଯାଇଥିଲା । ଏହାର ଫଳସ୍ୱରୂପ ମୁସଲମାନମାନଙ୍କ ମଧ୍ୟରେ ନାରୀମାନଙ୍କ ସଂଖ୍ୟା ତୁଳନାତ୍ମକ ଭାବେ ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା । ବିଧବା ଓ ପିତୃ ମାତୃହୀନ ବାଳକ ବାଳିକାଙ୍କୁ ଖାଦ୍ୟପେୟ ଯୋଗାଇବା ଅପରିହାର୍ଯ୍ୟ ଥିଲା । ଏଭଳି ଅବସ୍ଥାରେ ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧକୁ ସୁରକ୍ଷା ଦେବାପାଇଁ ଏକାଧିକ ପତ୍ନୀ ଗ୍ରହଣ ଅନିବାର୍ଯ୍ୟ ହୋଇ ପଡ଼ିଲା । ଏପରି ଭାବରେ ଏକ ନୈତିକ ଦାୟିତ୍ୱ ବହନ କରିବା ପୁରୁଷ ପାଇଁ ଏକ ବଳୀଦାନ, ଯାହା ନିଶ୍ଚିତ ରୂପେ ଏକ ଅମିତାଚାର ନୁହେଁ ।

ଅନ୍ୟାନ୍ୟ କେତେକ ବ୍ୟକ୍ତିଗତ, ସାମାଜିକ, ରାଜନୈତିକ ଓ ଧାର୍ମିକ ଦୃଷ୍ଟିରୁ ଏକାଧିକ ପତ୍ନୀ ଗ୍ରହଣର ସମୁଚିତ ଆବଶ୍ୟକତା ଥିଲା । ଆଧୁନିକ ସମୟରେ ଅବସ୍ଥାରେ ପରିବର୍ତ୍ତନ ଦେଖାଦେଇଛି । ଆଫ୍ରିକା ବ୍ୟତୀତ ଅନ୍ୟତ୍ର ଏକପତ୍ନୀ ଗ୍ରହଣ ବହୁଳ ଭାବରେ ଆଦୃତ ହେଉଛି । କିନ୍ତୁ ପ୍ରତ୍ୟେକ ସ୍ଥାନରେ ବ୍ୟକ୍ତି ବିଶେଷରେ ନୈତିକତା ଏବେ ମଧ୍ୟ ଏକାଧିକ ପତ୍ନୀ ଗ୍ରହଣ କରିବା ପାଇଁ ପ୍ରବର୍ତ୍ତାଇଥାଏ । ଇସ୍‌ଲାମ୍ ଏଭଳି ପରିସ୍ଥିତି ସୁବ୍ୟବସ୍ଥା କରିଛି ।

ମୁସଲମାନମାନଙ୍କ ମଧ୍ୟରେ ଏକାଧିକ ପତ୍ନୀ ଗ୍ରହଣ ଏକ ଅପବାଦ ବା କଳଙ୍କ ନୁହେଁ । ଏହା ଏକପତ୍ନୀ ଗ୍ରହଣ ଭଳି ସମ୍ମାନଜନକ ବିଷୟ ଓ ପତ୍ନୀମାନଙ୍କ ମଧ୍ୟରେ କିମ୍ବା ସେମାନଙ୍କ ସନ୍ତାନ ବର୍ଗରେ କୌଣସି ପାତର ଅନ୍ତର ରଖି ନଥାଏ ।

# ମାତା

ଇସ୍‌ଲାମ୍ ମା'କୁ ଅତ୍ୟୁଚ୍ଚ ସମ୍ମାନଜନକ ଆସନ ପ୍ରଦାନ କରିଛି । ପିତାମାତା ବିଶେଷ ଭାବରେ ସନ୍ତାନ ପ୍ରତି ମା'ର ସ୍ନେହ, ପ୍ରେମ, ଆସକ୍ତି ଓ କୋମଳତା ବିଷୟରେ ପବିତ୍ର କୁରଆନରେ ବାରମ୍ବାର ଗୁରୁତ୍ୱ ଆରୋପ କରାଯାଇଛି ।

ଧାରଣ ସଂପୂର୍ଣ୍ଣ ଭାବେ ଭ୍ରାନ୍ତ ଓ କଦାଚିତ୍ ଯୁକ୍ତିଯୁକ୍ତ ନୁହେଁ । (୪ : ୧୩୦) ରେ ସ୍ପଷ୍ଟ ଭାବେ ଏକାଧିକ ପତ୍ନୀ ଗ୍ରହଣ ବ୍ୟବସ୍ଥା ପ୍ରଚଳିତ ରହିଥିବାର ଶିକ୍ଷା ଦିଆଯାଇଅଛି । ଏହା ବ୍ୟତୀତ ପବିତ୍ର ଅବତାର ମୁହମ୍ମଦ କିମ୍ବା ତାଙ୍କର ସହଚର ବର୍ଗ (୪ : ୪) ରେ ଦିଆଯାଇଥିବା ଅନୁମତିକୁ (୪ : ୧୩୦)ରେ ରଦ୍ଦ କରାଯିବାର କଦାପି ବ୍ୟାଖ୍ୟା କରିନାହାନ୍ତି । ଅଥବା ଶହ ଶହ ବର୍ଷ ଧରି ମୁସଲମାନ ଆଇନଜ୍ଞମାନେ କେବେହେଲେ ଏପରି ବ୍ୟାଖ୍ୟାକୁ ଅନୁମୋଦନ କରି ନାହାନ୍ତି ।

ଏହା ସତ୍ୟ ଯେ ଇସ୍‌ଲାମ୍‌ରେ ବହୁପତ୍ନୀ ଗ୍ରହଣର ସଂଜ୍ଞା ଓ ସୀମା ନିର୍ଦ୍ଧାରଣ ସର୍ବୋଚ୍ଚ ପ୍ରଜ୍ଞା ଦ୍ୱାରା ଅଭିପ୍ରେତ ଏକ ଅବଲମ୍ବନ । ଏହା ଉଚ୍ଚ ନୈତିକ ମୂଲ୍ୟବୋଧ ପୋଷଣ କରିବା ଓ ଉଭୟ ପୁରୁଷ ତଥା ନାରୀର ସତୀତ୍ୱ ର ସୁରକ୍ଷା ପାଇଁ ଅଭିପ୍ରେତ । ଏହାକୁ ନୈତିକ ଓ ସାମାଜିକ ସୁରକ୍ଷାର ଏକ ମଙ୍ଗଳକାରୀ ନିୟନ୍ତ୍ରିତ ମାର୍ଗ କୁହାଯିବ । ଏଭଳି ଏକ ନିରାପତ୍ତା ଦ୍ୱାରର ଅଭାବରେ ଏକପତ୍ନୀ ଗ୍ରହଣର ଏକ କଠୋର ବ୍ୟବସ୍ଥାକୁ ବାଧ୍ୟ କରି ପ୍ରଚଳନ କରିବାକୁ ଇଚ୍ଛା କରୁଥିବା ସମାଜର ବ୍ୟକ୍ତିମାନେ ଯୌନ ବିକାର, ପୁରୁଷର ସମଲିଙ୍ଗି ଯୌନକ୍ରିୟା, ନାରୀର ସମଲିଙ୍ଗି ଯୌନକ୍ରିୟା ଓ ପାଶବିକତାର ଶିକାର ହୋଇ ଛିନ୍‌ଭିନ୍ ହୋଇ ଯାଇଛନ୍ତି । ଅବାଧ ଯୌନ ଆଚରଣ ସେମାନଙ୍କ ମଧ୍ୟରେ ଏକ ସାଧାରଣ ନିୟମ ହୋଇ ଯାଇଛି । ଏପରିକି ନୈତିକ ସ୍ତରରେ ଏହାର ନିନ୍ଦା ମଧ୍ୟ ହେଉନାହିଁ ।

ଏକ ପତ୍ନୀ ଗ୍ରହଣ ଏବଂ ବହୁ ପତ୍ନୀ ଗ୍ରହଣ ବ୍ୟବସ୍ଥା ମଧ୍ୟରେ ନୈତିକ ସୀମାରେଖା ସ୍ଥିର ହେବା ଅନାବଶ୍ୟକ । କିନ୍ତୁ ବିଧି ବ୍ୟବସ୍ଥା ଓ ଅନୁମତି ମଧ୍ୟରେ ରେଖାଙ୍କିତ ହେବା ଆବଶ୍ୟକ । ନୈତିକ ସଂଯମର ଅଭାବରେ ଉଭୟ ଏକପତ୍ନୀ ଗ୍ରହଣ ଓ ବହୁପତ୍ନୀ ଗ୍ରହଣ ପ୍ରଥାର ଅସଦ୍ ବ୍ୟବହାର ହେବ । ସମ୍ପର୍କର ସ୍ୱଭାବ ହିଁ ସଂପର୍କକୁ ଦୃଢ଼ ବା ଦୁର୍ବଳ କରିଥାଏ, ଯେଭଳି ପୂର୍ବରୁ ଉଲ୍ଲିଖିତ ଅଛି ଯେ ଇସ୍‌ଲାମ୍‌ରେ ବିବାହର ଅନ୍ତିମ ଉଦ୍ଦେଶ୍ୟ ହେଉଛି, ଅଲ୍ଲାଃଙ୍କର ସନ୍ତୋଷ ଲାଭ କରିବା ।

ତତ୍‌ପରେ ଚତୁର ଜ୍ଞାନ କୌଶଳ ଉପଯୋଗ କରି ସୁପରିଚାଳନା ଓ ଅଭ୍ୟାସ ଦ୍ୱାରା ସମସ୍ତ ମାନସିକ ଶକ୍ତି ଓ ସାମର୍ଥ୍ୟର ଲାଭଦାୟକ ବିକାଶ କରିବାକୁ ଇସ୍‌ଲାମ୍ ଶିକ୍ଷା ଦିଏ ଏବଂ ସେମାନଙ୍କ ଦମନ ଅଥବା ନିବାରଣକୁ ଇସ୍‌ଲାମ୍ ନାପସନ୍ଦ କରେ ଓ ନିନ୍ଦା କରେ ।

(୨୯:୯): ଆମେ ମନୁଷ୍ୟକୁ ନିଜ ପିତାମାତାଙ୍କ ସହିତ ସଦ୍‌ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛୁ ।

(୬ : ୧୫୨): ହେ ଅବତାର ! ତୁମେ (ସେମାନଙ୍କୁ) କୁହ, ଆସ ତୁମମାନଙ୍କର ପାଳନକର୍ତ୍ତା ଯାହା ତୁମମାନଙ୍କ ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ତାହା ଆମେ ତୁମମାନଙ୍କ ନିକଟରେ ପାଠ କରି ଶୁଣାଉଛୁ.... (ଯଥା) ତୁମେମାନେ ଅଲ୍ଲାଃଙ୍କ ସହିତ କୌଣସି ବସ୍ତୁକୁ ସମକକ୍ଷ କରନାହିଁ ଓ ପିତାମାତାଙ୍କ ପ୍ରତି ସଦ୍‌ବ୍ୟବହାର କର ।

(୪:୩୭): ଅଲ୍ଲାଃଙ୍କର ଉପାସନା କର ଏବଂ କୌଣସି ବସ୍ତୁକୁ ତାହାଙ୍କ ସହିତ ସମକକ୍ଷ କରନାହିଁ ଏବଂ ପିତାମାତାଙ୍କ ପ୍ରତି ସଦୟ ହୁଅ ।

(୧୭:୨୪-୫): ତୁମ ପାଳନକର୍ତ୍ତା (ଏ ବିଷୟରେ) ଚେତାବନୀ ପୂର୍ବକ ଆଦେଶ ଦେଇଛନ୍ତି ଯେ ତୁମେମାନେ ତାହାଙ୍କ ବ୍ୟତୀତ ଅନ୍ୟ କାହାରି ଉପାସନା କରନାହିଁ ଏବଂ ପିତାମାତାଙ୍କ ସହିତ ସଦୟ ବ୍ୟବହାର କର । ଯଦି ତୁମର ଜୀବିତାବସ୍ଥାରେ ସେ ଦୁଇଜଣଙ୍କ ମଧ୍ୟରୁ ଜଣଙ୍କର ବା ଉଭୟଙ୍କର ବାର୍ଦ୍ଧକ୍ୟ ଆସିଯାଏ, କଦାପି ତାଙ୍କୁ 'ଓଃ' ବୋଲି କୁହନାହିଁ କିମ୍ବା ସେମାନଙ୍କ ପ୍ରତି ବିରକ୍ତି ପ୍ରକାଶ କରନାହିଁ କିମ୍ବା ସେମାନଙ୍କୁ ଭର୍ତ୍ସନା କରନାହିଁ । ସେମାନଙ୍କ ସହିତ କୋମଳ ବଚନରେ କଥାବାର୍ତ୍ତା କର ଓ ପ୍ରାର୍ଥନା କର ହେ ପାଳନକର୍ତ୍ତା ! ସେମାନଙ୍କ ପ୍ରତି କରୁଣା ପ୍ରଦାନ କର । କାରଣ ମୋର ଶୈଶବାବସ୍ଥାରେ ସେମାନେ ମୋର ଲାଳନ ପାଳନ କରିଥିଲେ ।"

(୩୧:୧୫): ଆମ୍ଭେ ମନୁଷ୍ୟକୁ ପିତାମାତାଙ୍କ ସଂକ୍ରାନ୍ତରେ ଦୃଢ଼ ନିର୍ଦ୍ଦେଶ ଦେଇଅଛୁ, (ତେଣୁ) ଆମ୍ଭ ପ୍ରତି ଓ ନିଜ ପିତାମାତାଙ୍କ ପ୍ରତି କୃତଜ୍ଞ ହୁଅ ଏବଂ (ତୁମେ ସମସ୍ତେ) ସର୍ବଶେଷରେ ଆମ ନିକଟକୁ ପ୍ରତ୍ୟାବର୍ତ୍ତନ କରିବ । ତାହାର ମାତା ବହୁ କଷ୍ଟରେ ତାକୁ ଗର୍ଭରେ ଧାରଣ କରି ଅନେକ ଦୁର୍ବଳତାର ଶୀକାର ହୁଏ ଓ ପ୍ରସବ ବେଦନା ସହ୍ୟ କରେ ଏବଂ ତାକୁ ଦୁଇବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇଥାଏ ।

(୪୬:୧୬) : ଆମ୍ଭେ ମନୁଷ୍ୟକୁ ନିଜର ପିତାମାତାଙ୍କ ସହିତ ଉତ୍ତମ ବ୍ୟବହାର କରିବାକୁ ଆଦେଶ ଦେଇଛୁ । କାରଣ ତାହାର ମାତା ତାକୁ କଷ୍ଟ କରି ଗର୍ଭରେ ଧାରଣ କରେ ଓ ଯନ୍ତ୍ରଣା ଭୋଗ କରି ତାହାକୁ ପ୍ରସବ କରେ । ତାହାର ଗର୍ଭ ଧାରଣ ଓ ଦୁଗ୍ଧ ପାନ କରାଇବା ସମୟ ତିରିଶ୍ ମାସ । ତା'ପରେ ଯେତେବେଳେ ଏହି ମନୁଷ୍ୟ ପୂର୍ଣ୍ଣ ଯୌବନ ପ୍ରାପ୍ତ ହୁଏ, ଅର୍ଥାତ୍ ୪୦ ବର୍ଷର ପରିପକ୍ୱ ବୟସରେ ପଦାର୍ପଣ କରେ, ସେତେବେଳେ ସେ ପ୍ରାର୍ଥନା କରି କୁହେ, 'ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋ ପ୍ରତି ଓ ମୋ ପିତାମାତାଙ୍କ ପ୍ରତି ଯେଉଁ କୃପା ପ୍ରଦର୍ଶନ କରିଅଛ, ସେଥିପାଇଁ ତୁମଠାରେ କୃତଜ୍ଞତା ଜ୍ଞାପନ କରିବା ସକାଶେ ମୋତେ ସାମର୍ଥ୍ୟ ପ୍ରଦାନ କର । ଆହୁରି ମଧ୍ୟ ମୁଁ ଏପରି ଉତ୍ତମ କର୍ମ କରେ, ଯାହାକୁ ତୁମେ ପସନ୍ଦ କରିବ ଓ ପ୍ରସନ୍ନ ହେବ । ମୋର ସନ୍ତାନ ସନ୍ତତିଙ୍କ ଭିତରେ ମଧ୍ୟ ପୁଣ୍ୟର ଭିତ୍ତି ସ୍ଥାପନ କର ଏବଂ ମୋ ପାଇଁ ମୋ ସନ୍ତାନମାନଙ୍କର ସୁଧାର କରିଦିଅ । ନିଶ୍ଚିତ ରୂପେ ମୁଁ ତୁମ୍ଭ ପ୍ରତି ଅବନମିତ ହେଉଅଛି ଓ ନିଃସନ୍ଦେହରେ ମୁଁ ତୁମ୍ଭର ଆଜ୍ଞାବହ ଭକ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ।

ପବିତ୍ର ଅବତାର ମଧ୍ୟ ସାବଧାନ କରାଇ ଦେଇଛନ୍ତି ଯେ ତୁମମାନଙ୍କ ମଧ୍ୟରେ ସେ ହିଁ ସର୍ବୋତ୍ତମ, ଯେ ତା'ର ପରିବାର ବର୍ଗଙ୍କ ସହିତ ସର୍ବୋତ୍ତମ ବ୍ୟବହାର ପ୍ରଦର୍ଶନ କରେ ।

ବୈକୁଣ୍ଠ ତୁମ ମାତାମାନଙ୍କର ପାଦ ତଳେ ବିଦ୍ୟମାନ । ଯେ ନିଜର କନ୍ୟାମାନଙ୍କୁ ଉତ୍ତମ ରୂପେ ଲାଳନ ପାଳନ କରେ ଏବଂ ନିଜର ପୁତ୍ର ଓ କନ୍ୟାମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ କରେ ନାହିଁ, ସ୍ୱର୍ଗରେ ସେ ମୋ ନିକଟରେ ବିରାଜମାନ ହେବ ।

# ନାରୀର ଆର୍ଥିକ ସ୍ଥିତି

ପ୍ରମୁଖ ଧର୍ମମାନଙ୍କ ମଧ୍ୟରେ ଇସ୍‌ଲାମ୍ ହିଁ ନାରୀମାନଙ୍କୁ ଅର୍ଥନୈତିକ ସ୍ୱାଧୀନତାର ଏକ ସୁରକ୍ଷିତ ସ୍ଥାନ ଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଏହା

ସର୍ବବିଦିତ ଯେ ଇଂଲଣ୍ଡରେ ଅତି ବିଳମ୍ବରେ ୧୮୮୨ ମସିହାରେ ଯେତେବେଳେ ଲୋକସଭା ଦ୍ୱାରା ପ୍ରଥମେ ବିବାହିତା ନାରୀମାନଙ୍କର ସମ୍ପତ୍ତି ଆଇନ୍ ଅନୁମୋଦିତ ହେଲା, ସେ ପର୍ଯ୍ୟନ୍ତ ଏକ ବିବାହିତା ନାରୀ ସ୍ୱାମୀ ଠାରୁ ପୃଥକ ଭାବରେ ନିଜର କୌଣସି ସମ୍ପତ୍ତିର ଅଧିକାରିଣୀ ହୋଇପାରୁ ନଥିଲା । ଅବିବାହିତ କୌଣସି ନାରୀର ନିଜର ଅଧିକାର ବଳରେ ମାଲିକାଣୀ ହୋଇଥିବା ସମ୍ପତ୍ତି ବିବାହ ପରେ ସ୍ୱତଃ ତାର ସ୍ୱାମୀର ଅଧିକାରଭୁକ୍ତ ହେଉଥିଲା । ଏକଶତ ବର୍ଷ ପରେ ଏବେ ମଧ୍ୟ ବ୍ରିଟିଶ୍ ନିୟମର କେତେକ ଦିଗରେ କିଛି କିଛି ନିଦର୍ଶନ ରହିଛି, ଯାହା ଏକ ବିବାହିତା ନାରୀର ସ୍ୱାମୀ ଉପରେ ନିର୍ଭରଶୀଳ ହୋଇ ରହିବାକୁ ପ୍ରତିପାଦିତ କରୁଛି ।

ଇସ୍‌ଲାମ୍ ଧର୍ମରେ ପ୍ରାରମ୍ଭରୁ ହିଁ ନାରୀର ସ୍ୱାଧୀନ ଅର୍ଥନୈତିକ ଅବସ୍ଥାକୁ ସୁପ୍ରତିଷ୍ଠିତ କରାଯାଇଛି ।

ଉଲ୍ଲିଖିତ କରାଯାଇଛି ଯେ ବିବାହ ସମୟରେ ନିଜର ସାମର୍ଥ୍ୟ ଅନୁପାତରେ ପତ୍ନୀ ସହିତ ଏକ ଅଙ୍ଗୀକାର ପ୍ରସ୍ତୁତ କରିବା ପତିର ଦାୟିତ୍ୱ । ଏହି ଅଙ୍ଗୀକାରକୁ ସ୍ତ୍ରୀ ଧନ ବା 'ମହେର୍' କୁହାଯାଏ । ସ୍ୱାମୀର ମୃତ୍ୟୁ ସମୟ ସୁଦ୍ଧା ଯଦି ଏହି 'ମହେର୍' ପତ୍ନୀକୁ ପ୍ରଦାନ କରାଯାଇ ନଥାଏ, ମୃତ୍ୟୁ ପରେ ଏହାକୁ ଋଣ ବିବେଚନା କରି ମୃତ ସ୍ୱାମୀର ନିଜ ସମ୍ପତ୍ତିରୁ ତାର ଅନ୍ୟାନ୍ୟ ସମସ୍ତ ଋଣ ଅପେକ୍ଷା ଏହାକୁ ପ୍ରାଥମିକତା ପ୍ରଦାନ କରି ପରିଶୋଧ କରିଦେବା ଉଚିତ୍ । ଏତଦ୍ ବ୍ୟତୀତ ବିଧବା ନାରୀ ସ୍ୱାମୀର ସମ୍ପତ୍ତିରୁ ଆଇନ୍ ଅନୁମୋଦିତ ଅଂଶ ପାଇବାକୁ ହକ୍‌ଦାର ।

ଜଣେ ନାରୀ ନିଜ ପ୍ରଚେଷ୍ଟାରେ ଉପାର୍ଜନ କରିଥିବା କିମ୍ବା ଜଣେ ଉତ୍ତରାଧିକାରୀ ଭାବେ ପାଇଥିବା ଧନ କିମ୍ବା ମୃତ୍ୟୁକାଳୀନ ସମ୍ପତ୍ତି କିମ୍ବା ଦାନ ସୂତ୍ରରେ ଲାଭ କରିଥିବା ସମ୍ପତ୍ତିର ସ୍ୱାମୀ ଠାରୁ ଭିନ୍ନ ସ୍ୱାଧୀନ ଭାବେ ଅଧିକାରୀଣୀ ହୋଇଥାଏ । ଏହି ଧନର ସଦ୍‌ବିନିଯୋଗ ବା ସୁପରିଚାଳନା ଦାୟୀତ୍ୱ ତୁଲାଇବା ପାଇଁ ସେ ନିଜର ସ୍ୱାମୀଙ୍କୁ କହିପାରେ । କିନ୍ତୁ ଯଦି ସେ ନିଜେ ଏହାକୁ ପରିଚାଳନା କରିବାକୁ କିମ୍ବା ବିନିଯୋଗ କରିବାକୁ ପସନ୍ଦ କରେ, ତେବେ ସ୍ୱାମୀ ତାହାର ପରିଚାଳନାରେ ବା ବିନିଯୋଗରେ ହସ୍ତକ୍ଷେପ କରିପାରିବ ନାହିଁ ।

ଜଣେ ବିବାହିତା ନାରୀ ଯାହାର ନିଜସ୍ୱ ଆର୍ଥିକ ସମ୍ବଳ ଅଛି, ଅଧିକାଂଶ ସ୍ଥଳରେ ନିଜ ସମ୍ବଳର କିଛି ଅଂଶ ବା ସମୁଦାୟ ପରିବାର ଚଳାଇବା ପାଇଁ ସ୍ୱଇଚ୍ଛାରେ ଦାନ କରିଥାଏ । କିନ୍ତୁ ଏହା କରିବାକୁ ସେ ବାଧ୍ୟ ନୁହେଁ । ପତ୍ନୀ ନିଜ ଅଧିକାର ବଳରେ ନିଜ

ସ୍ୱାମୀଠାରୁ ଅଧିକ ବିତ୍ତଶାଳୀ ହୋଇଥିଲେ ମଧ୍ୟ ପରିବାର ପ୍ରତିପାଳନର ସମ୍ପୂର୍ଣ୍ଣ ଦାୟୀତ୍ୱ ହେଉଛି ସ୍ୱାମୀର ।

ନିମ୍ନଲିଖିତ ଘଟଣାରୁ ଏହା ସ୍ପଷ୍ଟ ପ୍ରତୀୟମାନ । ପବିତ୍ର ରସୁଲ ମୁହମ୍ମଦ[ସଅ] ଏକଦା ନାରୀମାନଙ୍କୁ ନିଜସ୍ୱ ଆର୍ଥିକ ସମ୍ବଳରୁ ବଦାନ୍ୟତାରେ ମଧ୍ୟ କିଛି ଖର୍ଚ୍ଚ କରିବା ପାଇଁ ଉପଦେଶ ଦେଇଥିଲେ । ତତ୍‌ପରେ ସମାନତଃ 'ଜଏନବ୍' ନାମଧାରୀ ଦୁଇଜଣ ନାରୀ ତାଙ୍କ ସମିପକୁ ଆସିଲେ । ସେମାନଙ୍କ ମଧ୍ୟରୁ ମୁହମ୍ମଦ[ସଅ] ଙ୍କ ପ୍ରଖ୍ୟାତ ଅନୁଚର ଅବ୍‌ଦୁଲ୍ଲାଃ ବିନ୍ ମସୁଦ୍‌ଙ୍କ ପତ୍ନୀ (ଜଏନବ୍) କହିଲେ, ସେମାନଙ୍କର ନିଜ ନିଜର ସ୍ୱାମୀମାନେ ଆର୍ଥିକ ଭାବେ ସ୍ୱଚ୍ଛଳ ନୁହନ୍ତି । କିନ୍ତୁ ସେମାନେ ତୁଳନାତ୍ମକ ଭାବେ ଅଧିକ ସ୍ୱଚ୍ଛଳ । ସେମାନେ ନିଜସ୍ୱ ସମ୍ବଳରୁ ନିଜର ସ୍ୱାମୀମାନଙ୍କୁ ସହଯୋଗ କଲେ, ତାହା ଏକ ଆଧ୍ୟାତ୍ମିକ ସଦ୍‌ଗୁଣ ହେବ କି ? ପବିତ୍ର ଅବତାର ସେମାନଙ୍କୁ ଆଶ୍ୱାସନା ଦେଇ କହିଲେ ଯେ ସେମାନେ ନିଜ ନିଜ ସ୍ୱାମୀମାନଙ୍କ ପାଇଁ ଖର୍ଚ୍ଚ କରିବା ଦୁଇଗୁଣ ପ୍ରଶଂସନୀୟ ହେବ । ଯେହେତୁ ଏହା ପରିବାରବର୍ଗ ପାଇଁ ଉଭୟ ବଦାନ୍ୟତା ଓ ଦୟାଶୀଳ ଭାବ ରୂପେ ପରିଗଣିତ ହେବ ।

ସୁତରାଂ ପବିତ୍ର କୁରଆାନ୍ ଶିକ୍ଷାଦିଏ ଯେ :

**(୪:୩୩):** ଅଲ୍ଲାଃ ତୁମମାନଙ୍କ ମଧ୍ୟରୁ କେତେକଙ୍କୁ ଅନ୍ୟ କେତେକଙ୍କ ଉପରେ ଶ୍ରେଷ୍ଠତା ପ୍ରଦାନ କରିଛନ୍ତି; ତୁମେମାନେ ସେମାନଙ୍କୁ ଇର୍ଷା କରନାହିଁ । ଯାହାକିଛି ପୁରୁଷମାନେ ଉପାର୍ଜନ କରନ୍ତି, ସେଥିରେ ସେମାନଙ୍କର ଏକ ଅଂଶ ଅଛି ଏବଂ ଯାହାକିଛି ସ୍ତ୍ରୀମାନେ ଉପାର୍ଜନ କରନ୍ତି, ସେଥିରୁ ସେମାନଙ୍କର ଏକ ଅଂଶ ଅଛି । କେବଳ ଅଲ୍ଲାଃଙ୍କ କୃପା ଭିକ୍ଷା କର । ଏହା ସୁନିଶ୍ଚିତ ଯେ ଅଲ୍ଲାଃ ସମସ୍ତ ବିଷୟକୁ ସମ୍ପୂର୍ଣ୍ଣ ରୂପେ ଜାଣନ୍ତି ।

**(୪:୩୪):** ପ୍ରତ୍ୟେକ ବ୍ୟକ୍ତି ଛାଡ଼ି ଯାଇଥିବା ତା'ର ସମ୍ପତ୍ତି ପାଇଁ ଆମ୍ଭେ ଦାୟାଦ (ଉତ୍ତରାଧିକାରୀ) ନିଯୁକ୍ତ କରିଅଛୁ । (ଯଥା) ମାତା, ପିତା ଓ ନିକଟ ସମ୍ପର୍କୀୟମାନେ । ଆହୁରି ମଧ୍ୟ ସ୍ୱାମୀ ଓ ସ୍ତ୍ରୀ ଯେଉଁମାନଙ୍କ ସହିତ ତୁମେମାନେ ପବିତ୍ର ଅଙ୍ଗୀକାର କରିଛ । ସୁତରାଂ ସେମାନଙ୍କୁ ସେମାନଙ୍କର ସ୍ଥିରୀକୃତ ଭାଗ ପ୍ରଦାନ କର । ନିଶ୍ଚିତ ରୂପେ ଅଲ୍ଲାଃ ପ୍ରତ୍ୟେକ ବିଷୟକୁ ନିରୀକ୍ଷଣ କରନ୍ତି ।

ପବିତ୍ର କୁରଆନ୍ ଅଧ୍ୟାୟ ୪:୧୨-୧୩ ଏବଂ ୪:୧୭୬ ରେ ଉଲ୍ଲେଖ କରାଯାଇଥିବା ବଂଶାନୁକ୍ରମ ଓ ଉତ୍ତରାଧିକାରର ଇସ୍‌ଲାମୀୟ ବ୍ୟବସ୍ଥା ସମ୍ପତ୍ତିର ଏକ ପ୍ରଶସ୍ତ ବିତରଣର ଲକ୍ଷ୍ୟ ରଖିଛି । ଯଦି ଜଣେ ବ୍ୟକ୍ତି ନିଜର ଜୀବିତ ମାତାପିତା, ପତ୍ନୀ କିମ୍ବା ପତି, ପୁତ୍ର ଓ କନ୍ୟାଙ୍କୁ ଛାଡ଼ି ମୃତ୍ୟୁ ବରଣ କରେ, ତେବେ ସେମାନେ ସମସ୍ତେ ଉତ୍ତରାଧିକାର ସୂତ୍ରେ ଅଂଶୀଦାର ହେବେ । ସାଧାରଣ ନିୟମାନୁସାରେ ସମାନ ମାତ୍ରାରେ ଜଣେ ପୁରୁଷର ଅଂଶ ଜଣେ ନାରୀ ଅଂଶର ଦୁଇଗୁଣ ହେବ । ଏଥିରେ ନାରୀ ଉତ୍ତରାଧିକାରୀଙ୍କୁ ପାତର ଅନ୍ତର କରାଯାଇ ନାହିଁ । ନିଜର ପରିବାରର ଭରଣ ପୋଷଣ ପୁରୁଷର ଦାୟିତ୍ୱ ହୋଇଥିବା ବେଳେ ନାରୀ ଏ ଦାୟିତ୍ୱ ତୁଲାଇବାକୁ ବାଧ୍ୟ ନୁହେଁ । କାର୍ଯ୍ୟ କ୍ଷେତ୍ରରେ ଏହି ନିୟମ ମହିଳା ଉତ୍ତରାଧିକାରୀଙ୍କ ପାଇଁ ଅଧିକ ଅନୁକୂଳ ।

ଜଣେ ମୁସଲମାନ ଉଇଲ୍ (ଇଚ୍ଛାପତ୍ର) କରି ନିଜ ସମ୍ପତ୍ତିର ଏକ ତୃତୀୟାଂଶରୁ ଅଧିକ ବିକ୍ରୀ କରିପାରିବ ନାହିଁ । ପରବର୍ତ୍ତୀ ସମୟରେ ଉତ୍ତରକାଳୀନ କୌଣସି ଦାନ ବା ବଦାନ୍ୟ କାର୍ଯ୍ୟ ପାଇଁ ଅଥବା ଅଣ ଉତ୍ତରାଧିକାରୀମାନଙ୍କ ପାଇଁ ସମୁଦାୟ ସମ୍ପତ୍ତିର ଏକ ତୃତୀୟାଂଶରୁ ଅଧିକ ସଂରକ୍ଷିତ କରି ରଖା ଯାଇପାରିବ ନାହିଁ କିମ୍ବା କୌଣସି ଉତ୍ତରାଧିକାରୀର ଅଂଶ ଉଇଲ୍‌ର ଆଦେଶ ଦ୍ୱାରା ବଢ଼ାଯାଇ ପାରିବ ନାହିଁ କିମ୍ବା କମ୍ କରାଯାଇ ପାରିବ ନାହିଁ । ଇସ୍‌ଲାମୀୟ ଉତ୍ତରାଧିକାର ସମ୍ବନ୍ଧୀୟ ବ୍ୟବସ୍ଥାରେ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ବାଛ ବିଚାରର ସ୍ଥାନ ନାହିଁ । ଉଦାହରଣ ସ୍ୱରୂପ ଜ୍ୟୋଷ୍ଠାଧିକାର କିମ୍ବା ନାରୀମାନଙ୍କୁ ଅଧିକାରରୁ ବଞ୍ଚିତ କରିବା ।

ସମାଜ ସେବା ସଂକ୍ରାନ୍ତୀୟ କାର୍ଯ୍ୟ ନିର୍ବାହର ସଂରକ୍ଷଣ ପାଇଁ ନିର୍ଦ୍ଦେଶ ଲିପିବଦ୍ଧ ହେବା ଉଚିତ୍ । କାରଣ ଭୁଲ୍ ବୁଝାମୁଣା ବଶତଃ କେବେ କେବେ ଏହାକୁ ନାରୀ ବିପକ୍ଷରେ ବାଛ ବିଚାର ରୂପେ ବିବେଚନା କରାଯାଇଥାଏ ।

ନିର୍ଦ୍ଦେଶଟି ନିମ୍ନ ପ୍ରକାରେ ଉଲ୍ଲେଖ ରହିଛି :

**(୨:୨୮୩):** (ଦଲିଲ ଲେଖାବେଳେ) ତୁମେମାନେ ନିଜର ପୁରୁଷମାନଙ୍କ ମଧ୍ୟରୁ ଦୁଇଜଣ ସାକ୍ଷୀଙ୍କୁ ନିଯୁକ୍ତ କର । ଅବଶ୍ୟ ଯଦି ଉଭୟ ସାକ୍ଷୀ ପୁରୁଷ ହୋଇ ନଥାନ୍ତି, ତେବେ ସାକ୍ଷୀମାନଙ୍କ ମଧ୍ୟରୁ ଯେଉଁ ଲୋକମାନଙ୍କୁ ତୁମେ ପସନ୍ଦ କରୁଥାଅ, ସେମାନଙ୍କ ମଧ୍ୟରୁ ଜଣେ ପୁରୁଷ ଓ ଦୁଇଜଣ ମହିଳାଙ୍କୁ ସାକ୍ଷୀ ରୂପେ ନିଯୁକ୍ତ କର । ଯଦ୍ଦ୍ୱାରା ସେମାନଙ୍କ ମଧ୍ୟରୁ ଜଣେ ଯଦି ପାଶୋରି ଯିବାର ଆଶଙ୍କା ଦେଖାଯାଏ, ତେବେ ଅନ୍ୟ ଜଣକ ମନେ ପକାଇଦେବ ।

ଏଠାରେ ବାଛ ବିଚାରର ସାମନ୍ୟତମ ଚିହ୍ନ ନାହିଁ । ସାଧାରଣ ନିୟମ ହେଲା ସ୍ତ୍ରୀମାନେ ନ୍ୟାୟିକ ବ୍ୟବସ୍ଥାରେ ସାକ୍ଷୀ ହିସାବରେ ଆକସ୍ମିକ ଭାବେ ଉପସ୍ଥିତ ହେବାରୁ ସୁରକ୍ଷିତ ରହିବା ଉଚିତ । ତେଣୁ ସାଧାରଣତଃ ଜଣେ ନାରୀକୁ କୌଣସି ବ୍ୟାପାରର ଦସ୍ତାବିଜରେ ସାକ୍ଷୀ ପଡ଼ିବାକୁ ଡ଼କାଯିବା ଅନୁଚିତ । ଏହି ନିୟମ ଜରୁରୀକାଳୀନ ଅବସ୍ଥାରେ କୋହଳ କରାଯାଇପାରେ । କିନ୍ତୁ ତତ୍‌ପରେ ଅନ୍ୟ ଏକ ଅସୁବିଧା ସୃଷ୍ଟି ହେବ । ପୁରୁଷ ସାକ୍ଷୀମାନେ କୌଣସି ବ୍ୟାପାରରେ ପଡ଼ିଥିବା ସାକ୍ଷୀ ହିସାବରେ ନିଜର ସ୍ମରଣ ଶକ୍ତିକୁ ଜାଗ୍ରତ କରିପାରନ୍ତି । ଯେତେବେଳେ ସେମାନେ କୌଣସି ସାମାଜିକ କାର୍ଯ୍ୟରେ ଏକତ୍ରିତ ହୁଅନ୍ତି ଓ ସେ ବ୍ୟାପାରରେ କୌଣସି ନା କୌଣସି କାରଣରୁ ମନେ ପକାଇ କହିପାରନ୍ତି । କୌଣସି ବ୍ୟାପାରରେ ଦସ୍ତାବିଜ ଯାହା ଜଣେ ନାରୀ ଓ ଜଣେ ପୁରୁଷ ଦ୍ୱାରା ସାକ୍ଷୀ ହିସାବରେ ସ୍ୱାକ୍ଷର କରି ରଖାଯାଇଛି; ନାରୀ ସାକ୍ଷୀଟି ଇସ୍‌ଲାମୀୟ ସାମାଜିକ ବ୍ୟବସ୍ଥାରେ ଯାହା ଅଧୁନା ଯଥୋଚିତ ବିବେଚିତ ହେବ, ତାହା ହେଉଛି ସାଧାରଣତଃ ପୁରୁଷ ସାକ୍ଷୀକୁ ବାରମ୍ବାର ଭେଟିବାର ଓ କଥାବାର୍ତ୍ତା କରିବାର ଅବକାଶ ପାଏନାହିଁ । ତେଣୁ କୌଣସି ବ୍ୟାପାରରେ ସେ ସ୍ମରଣ ଶକ୍ତିକୁ ସତେଜ କରିପାରେ ନାହିଁ । ସ୍ମରଣ ଶକ୍ତିକୁ ଜାଗ୍ରତ କରିବାର ଅଭାବ ପୂରଣ କରିବା ପାଇଁ ଏପରି ବିଜ୍ଞ ବ୍ୟବସ୍ଥା କରାଯାଇଛି ଯେ ଜଣେ ପୁରୁଷ ସାକ୍ଷୀ ପରିବର୍ତ୍ତେ ଦୁଇ ଜଣ ନାରୀଙ୍କୁ ସାକ୍ଷୀ ରୂପେ ଡ଼କାଯିବା ଆବଶ୍ୟକ । ତଦ୍ୱାରା ଉକ୍ତ ଶିକ୍ଷାର ଆକ୍ଷରିକ ଅର୍ଥରେ ଜଣେ ଅନ୍ୟକୁ ମନେ ପକାଇ ଦେଇ ପାରିବ ।

ଏହି ବ୍ୟବସ୍ଥା କେବଳ ସାକ୍ଷ୍ୟ ପ୍ରମାଣର ସୁରକ୍ଷା ପାଇଁ ଉପଯୋଗୀ ଏବଂ ପୁରୁଷ ବା ନାରୀ ସାକ୍ଷୀର ଗୁରୁତ୍ୱକୁ ସୂଚାଏ ନାହିଁ । ଗୋଟିଏ ଉଦାହରଣ ଏହି ପ୍ରସଙ୍ଗ ସଂକ୍ରାନ୍ତରେ ଯେ କୌଣସି ସନ୍ଦେହ ମୋଚନ କରିପାରିବ । ମନେ କରନ୍ତୁ, କୌଣସି ବ୍ୟାପାରର ଲିଖିତ ଦସ୍ତାବିଜ୍ ଯେଉଁଠାରେ, ଜଣେ ପୁରୁଷ ଓ ଦୁଇ ଜଣ ମହିଳା ସାକ୍ଷୀ ଦେଇଥାନ୍ତି, ଯଦି କେବେ ତାହା କଳହ ଜନକ ବିଷୟବସ୍ତୁ ହୋଇ ଏକ ନ୍ୟାୟିକ ସମାଧାନ ପାଇଁ ନ୍ୟାୟାଳୟର ଆବଶ୍ୟକତା ପଡ଼େ; ତା'ପରେ ଦେଖାଯାଇଛି ଯେ ହୁଏତ ଇତି ମଧ୍ୟରେ ଦୁଇଜଣ ନାରୀ ସାକ୍ଷୀମାନଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଥିବ । ପୁରୁଷ ସାକ୍ଷୀ ଓ ବଞ୍ଚିଥିବା ନାରୀ ସାକ୍ଷୀ ଅଦାଲତରେ ପରୀକ୍ଷିତ ହୁଅନ୍ତି ଓ ବିଚାରପତି ଦେଖନ୍ତି ଯେ ବ୍ୟାପାରର ସର୍ତ୍ତାବଳୀ ଯାହା ଯଥାକ୍ରମେ ସେମାନଙ୍କ ଦ୍ୱାରା ବର୍ଣ୍ଣନା କରାଯାଇଥାଏ, ସେଥିରେ ସମ୍ପୂର୍ଣ୍ଣ ଭାବେ ସାମଞ୍ଜସ୍ୟ ଓ ତାଳମେଳ ନଥାଏ ।

କିନ୍ତୁ ସେ ଦୃଢ଼ତାର ସହ ଅନୁଭବ କରନ୍ତି ଯେ ପ୍ରତ୍ୟେକ ଆବଶ୍ୟକୀୟ ବିଷୟକୁ ବିଚାର ପରିସରଭୁକ୍ତ କଲେ ନାରୀ ସାକ୍ଷୀ ଦ୍ୱାରା ପ୍ରଦତ୍ତ ସାକ୍ଷ୍ୟ, ପୁରୁଷ ସାକ୍ଷୀ ଅପେକ୍ଷା ଅଧିକ ବିଶ୍ୱାସଯୋଗ୍ୟ । ଏପରି ସ୍ଥଳେ ଏହା ତାଙ୍କର ସୁସ୍ପଷ୍ଟ କର୍ତ୍ତବ୍ୟ ଯେ ପୁରୁଷ ସାକ୍ଷୀ ଅପେକ୍ଷା ନାରୀ ସାକ୍ଷୀର ସାକ୍ଷ୍ୟ ଉପରେ ଭରସା କରିବା । ଏକ ନାରୀ ସପକ୍ଷରେ ବା ବିଷୟ ସଂକ୍ରାନ୍ତରେ ବାଛ ବିଚାରର ପ୍ରଶ୍ନ ନାହିଁ ।

# ପୁରୁଷ ଏବଂ ସ୍ତ୍ରୀମାନଙ୍କ ସୁରକ୍ଷା

ପୁରୁଷ ଏବଂ ନାରୀ ପରସ୍ପର ପାଇଁ ଏକ ସ୍ୱର୍ଗୀୟ ଅବଦାନ । ସେଥି ସକାଶେ କାର୍ଯ୍ୟରେ ସିଦ୍ଧି ଓ ଈଶ୍ୱରଙ୍କର ସନ୍ତୋଷ ଲାଭ ପାଇଁ ନିଜକୁ ଏକ ଅନନ୍ୟ ଅବଲମ୍ବନ ରୂପେ ବିବେଚନା କରିବା ଉଚିତ । ସେ ହେଉଛନ୍ତି ଉଭୟଙ୍କର ସ୍ରଷ୍ଟା । ସେମାନଙ୍କର ସବଳତା ଓ ଦୁର୍ବଳତାକୁ ଭଲ ଭାବେ ଜାଣନ୍ତି । ସେ ନିଜର କରୁଣାରୁ ଉଭୟଙ୍କୁ ନିଜ ନିଜ ଦୁର୍ବଳତାରୁ ରକ୍ଷା ପାଇବା ତଥା ସେମାନଙ୍କ ସବଳତାକୁ ପୋଷଣ କରିବାକୁ ପର୍ଯ୍ୟାପ୍ତ ଉପଦେଶ ଯୋଗାଇ ଦେଇଛନ୍ତି । ସେସବୁ ଉପଦେଶର ଅବମାନନା କରିବା ଅନିଷ୍ଟ ଓ ବିନାଶ ଘଟାଇଥାଏ । ଏବଂ ଏହାର ଯଥାଯଥ ଓ ସଯତ୍ନ ପାଳନ ଜୀବନକୁ ବିଶୁଦ୍ଧ ଓ ଆନନ୍ଦରେ ଭରି ଦେଇଥାଏ ।

ପବିତ୍ର କୁରଆନ ଘୋଷଣା କରେ ଯେ

**(୫୦:୧୭) :** ନିଶ୍ଚିତ ରୂପେ ଆମ୍ଭେ ମନୁଷ୍ୟକୁ ସୃଷ୍ଟି କରିଅଛୁ ଏବଂ ତା'ର ମନକୁ କେଉଁ ପ୍ରକାରେ ଭ୍ରମରେ ପକାଇ ଭାରାକ୍ରାନ୍ତ କରେ, ତାହାକୁ ଆମେ ଭଲ ରୂପେ ଜାଣୁ ।

**(୭୬:୩-୪) :** ଆମ୍ଭେ ମାନବକୁ ଏପରି ଏକ ମିଶ୍ରିତ ବୀର୍ଯ୍ୟକଣିକା ଶୁକ୍ର ବିନ୍ଦୁରୁ ସୃଷ୍ଟି କରିଅଛୁ, ଯାହାକୁ ଆମ୍ଭେ ବିଭିନ୍ନ ପ୍ରକାରର ଆକୃତିରେ ପରିଣତ କରିବୁ, ଯଦ୍ଦ୍ୱାରା କି ଆମ୍ଭେ ତାହାକୁ ପରୀକ୍ଷା କରିପାରିବୁ । ତେଣୁ ଆମେ ତାହାକୁ ଶୁଣିବା ଓ ଦେଖିବାର ଶକ୍ତି ଦେଇଛୁ । ନିଃସନ୍ଦେହରେ ଆମ୍ଭେ ତାହାକୁ ତା'ର ଅବସ୍ଥା ଅନୁଯାୟୀ ସରଳ ମାର୍ଗ ନିର୍ଦ୍ଦେଶିତ କରିଛୁ । ସେ କୃତଜ୍ଞ ହେଲେ ଏହାକୁ ଅନୁସରଣ କରେ କିମ୍ବା କୃତଘ୍ନ ହେଲେ ଏହାକୁ ପ୍ରତ୍ୟାଖ୍ୟାନ କରେ ।

ମନୁଷ୍ୟର ମନ ଶ୍ରବଣ, ଦୃଷ୍ଟି ଓ ଅନ୍ୟାନ୍ୟ ଇନ୍ଦ୍ରୀୟମାନଙ୍କ ଦ୍ୱାରା ପରିଚାଳିତ କରାଇଥାଏ ଏବଂ ତାକୁ ପୁଣ୍ୟ ବା ପାପାଚରଣ ପାଇଁ ପ୍ରୋତ୍ସାହିତ କରିଥାଏ । ସେଥିପାଇଁ ତାକୁ ସାବଧାନ କରିଦିଆ ଯାଇଛି :

**(୧୭:୩୭):** ଏବଂ ସେହି ବିଚାରଧାରାକୁ ଆପଣାଅ ନାହିଁ ଯେଉଁ ବିଷୟରେ ତୁମର ଜ୍ଞାନ ନାହିଁ ଏବଂ ତାହାର ଅନୁସରଣ କରନାହିଁ, କାରଣ କାନ, ଆଖି ଓ ମନ ମସ୍ତିଷ୍କ ସମସ୍ତଙ୍କ ଠାରୁ ହିସାବ ନିଆଯିବ ।

ସେଥିପାଇଁ ଇନ୍ଦ୍ରୀୟମାନଙ୍କ ସଂଯମ ଓ ସେମାନଙ୍କ ଉପରେ ନିରନ୍ତର ସଜାଗ ଦୃଷ୍ଟି ରଖିବା ହେଉଛି ପୁଣ୍ୟର ସାରତତ୍ତ୍ୱ । ସୁତରାଂ ପବିତ୍ର ଅବତାରଙ୍କୁ ଏହିପରି ନିର୍ଦ୍ଦେଶ ଦିଆଯାଇଥିଲା :

**(୨୪:୩୧-୨):** ତୁମେ ବିଶ୍ୱାସକାରୀ ପୁରୁଷମାନଙ୍କୁ କୁହ, ସେମାନଙ୍କର ଦୃଷ୍ଟିକୁ ସଂଯମ କରନ୍ତୁ ଓ ନିଜ ଗୁପ୍ତାଙ୍ଗର ସୁରକ୍ଷା କରନ୍ତୁ ତଥା ଇନ୍ଦ୍ରୀୟମାନଙ୍କୁ ନିୟନ୍ତ୍ରଣ କରନ୍ତୁ । ତାହାହିଁ ସେମାନଙ୍କ ପାଇଁ ପବିତ୍ରତାର କାରଣ ହେବ । ନିଶ୍ଚିତ ରୂପେ ସେମାନେ ଯାହା କରୁଛନ୍ତି, ଅଲ୍ଲାଃ ତାହାକୁ ଉତ୍ତମ ରୂପେ ଜାଣନ୍ତି ।

ବିଶ୍ୱାସକାରୀଣୀ ନାରୀମାନଙ୍କୁ କୁହ, ସେମାନଙ୍କର ଦୃଷ୍ଟିର ସଂଯମତା ରକ୍ଷା କରନ୍ତୁ ଓ ନିଜ ଗୁପ୍ତାଙ୍ଗର ସୁରକ୍ଷା କରନ୍ତୁ ତଥା ଇନ୍ଦ୍ରୀୟମାନଙ୍କୁ ନିୟନ୍ତ୍ରଣ କରନ୍ତୁ ଏବଂ ଯାହା ସ୍ୱୟଂ ପ୍ରକାଶିତ ହୁଏ ତାହା ବ୍ୟତୀତ ନିଜର ଅନ୍ୟ ସୌନ୍ଦର୍ଯ୍ୟକୁ ପ୍ରକାଶ କରନ୍ତୁ ନାହିଁ । ସେମାନେ ନିଜ ବକ୍ଷ ସ୍ଥଳକୁ ନିଜ ଓଢ଼ଣୀ ଦ୍ୱାରା ଆବୃତ କରନ୍ତୁ ଓ ନିଜର ପତିମାନଙ୍କୁ ବା ନିଜର ପିତାମାନଙ୍କୁ ବା ନିଜ ପତିମାନଙ୍କ ପିତାମାନଙ୍କୁ ବା ନିଜ ପୁତ୍ରମାନଙ୍କୁ ବା ସେମାନଙ୍କର ପତିମାନଙ୍କ ପୁତ୍ରମାନଙ୍କୁ ବା ସେମାନଙ୍କର ଭାଇମାନଙ୍କୁ ବା ଭାଇମାନଙ୍କର ପୁତ୍ରମାନଙ୍କୁ ବା ଭଉଣୀମାନଙ୍କର ପୁତ୍ରମାନଙ୍କୁ ବା ଭଦ୍ର ମହିଳାମାନଙ୍କୁ ବା ସେମାନଙ୍କର ଦାସମାନଙ୍କୁ ବା ଏଭଳି ଅପ୍ରାପ୍ତ ବୟସ୍କ ଦାସମାନଙ୍କୁ ଯେଉଁମାନଙ୍କର ନାରୀମାନଙ୍କ ପ୍ରତି କାମନା ନାହିଁ ବା ଏଭଳି ବାଳୁତ ଶିଶୁମାନଙ୍କୁ ଯେଉଁମାନେ ଯୌନକାର୍ଯ୍ୟ ବିଷୟରେ ଅଜ୍ଞ, ଏମାନଙ୍କ ବ୍ୟତୀତ ଅନ୍ୟ କାହାରି ସମ୍ମୁଖରେ

ନିଜର ସୌନ୍ଦର୍ଯ୍ୟକୁ ପ୍ରକାଶ କରନ୍ତୁ ନାହିଁ । କିମ୍ବା ନିଜ ପାଦକୁ ଏଥି ନିମନ୍ତେ କଚାଡ଼ି ଚାଲନ୍ତୁ ନାହିଁ ଯଦ୍ୱାରା କି ଯେଉଁ ସୌନ୍ଦର୍ଯ୍ୟକୁ ସେମାନେ ଲୁକ୍କାୟିତ କରୁଛନ୍ତି ତାହା ପ୍ରକାଶିତ ହୋଇଯିବ । ହେ ବିଶ୍ୱାସକାରୀମାନେ ! ତୁମେମାନେ ଅଲ୍ଲାଃଙ୍କ ପ୍ରତି ସଂପୂର୍ଣ୍ଣ ମନେଯୋଗୀ ହୁଅ, ତାହାହେଲେ ତୁମେମାନେ କୃତକାର୍ଯ୍ୟ ହୋଇପାରିବ ।

(୨୪ : ୫୯) ହେ ବିଶ୍ୱାସକାରୀଗଣ ! ତୁମମାନଙ୍କର ଦାସ ଓ ତୁମମାନଙ୍କ ମଧ୍ୟରୁ ଯେଉଁମାନେ ଅଦ୍ୟାବଧି ପ୍ରାପ୍ତ ବୟସ୍କ ହୋଇ ନାହାନ୍ତି, ଦିନରେ ତିନୋଟି ସମୟରେ ଯଥା ସକାଳ ନମାଜ ପୂର୍ବରୁ, ଦ୍ୱିପ୍ରହର ସମୟରେ ଯେତେବେଳେ ତୁମେମାନେ ନିଜର ପରିଧାନ ବାହାର କରି ବିଶ୍ରାମ କରୁଥାଅ ଓ ରାତ୍ରୀକାଳୀନ ନମାଜ ପରେ ଗୃହକୁ ପ୍ରବେଶ କରିବା ପୂର୍ବରୁ ତୁମର ଅନୁମତି ନିଅନ୍ତୁ । ଏହି ତିନୋଟି ସମୟ ତୁମମାନଙ୍କ ସକାଶେ ଏକାନ୍ତ ବ୍ୟକ୍ତିଗତ ଓ ପର୍ଦ୍ଦାର ସମୟ । ଏହି ସମୟଗୁଡ଼ିକ ବ୍ୟତୀତ ଅନ୍ୟ ସମୟରେ ତୁମମାନଙ୍କ ପକ୍ଷରେ ବା ସେମାନଙ୍କ ପକ୍ଷରେ ଭିତରକୁ ଆତଯାତ ଦୋଷାବହ ନୁହେଁ । କାରଣ ତୁମମାନଙ୍କ ମଧ୍ୟରୁ କେତେକଙ୍କୁ ଅନ୍ୟ କେତେକଙ୍କ ନିକଟକୁ କୌଣସି ନା କୌଣସି କାର୍ଯ୍ୟରେ ଆବଶ୍ୟକତା ଅନୁଯାୟୀ ପ୍ରାୟ ଯିବା ଆସିବା କରିବାକୁ ପଡ଼ିଥାଏ । ଏହିପରି ଅଲ୍ଲାଃ ନିଜର ଆଦେଶଗୁଡ଼ିକୁ ସ୍ପଷ୍ଟ ଭାବରେ ତୁମମାନଙ୍କ ପାଇଁ ବର୍ଣ୍ଣନା କରନ୍ତି । ଅଲ୍ଲାଃ ହିଁ ସର୍ବଜ୍ଞ (ଏବଂ) ପରମ ବିବେକଶୀଳ ।

(୨୪:୬୦) : ଯେତେବେଳେ ତୁମମାନଙ୍କର ପୁତ୍ର କନ୍ୟାମାନେ ଯୌବନର ପରିପକ୍ୱ ବୟସରେ ଉପନୀତ ହେବେ, ସେତେବେଳେ ସେମାନେ ତାଙ୍କର ପୂର୍ବବର୍ତ୍ତୀ ବଡମାନଙ୍କ ଭଳି ଅନୁମତି ନେବା ଉଚିତ । ଏହିଭଳି ଭାବେ ଅଲ୍ଲାଃ ନିଜର ଆଦେଶଗୁଡ଼ିକ ତୁମମାନଙ୍କ ପାଇଁ ବ୍ୟାଖ୍ୟା କରିଛନ୍ତି । ଅଲ୍ଲାଃ ହିଁ ସ୍ଥାୟୀ ଜ୍ଞାନର ଅଧିକାରୀ ଓ ପରମ ବିବେକଶୀଳ ।

(୨୪:୬୧) ଯେଉଁ ମହିଳାମାନେ ପରିଣତ ବୟସ୍କା (ଅର୍ଥାତ୍) ଯେଉଁମାନେ ବିବାହ ବୟସ ଅତିକ୍ରମ କରି ସାରିଛନ୍ତି; ସେମାନେ ନିଜ

ସୌନ୍ଦର୍ଯ୍ୟକୁ ପ୍ରଦର୍ଶନ ନକରି ନିଜର ବାହ୍ୟ ପରିଧାନକୁ ବାହାର କରି ରଖିଦେଲେ କୌଣସି ଦୋଷ ହେବନାହିଁ । କିନ୍ତୁ ଏଥିରୁ ନିବୃତ ହେବା ସେମାନଙ୍କ ପକ୍ଷରେ ଉତ୍ତମ ହେବ । ଅଲ୍ଲାଃ ହିଁ ମହାନ ଶ୍ରବଣକାରୀ (ଓ) ସର୍ବଜ୍ଞ ।

ପବିତ୍ର ଅବତାରଙ୍କ ପତ୍ନୀମାନଙ୍କ ପାଇଁ କେତେକ ବିଶେଷ ନିର୍ଦ୍ଦେଶ ରହିଛି, ଯାହାକି ଉତ୍ତମ ବ୍ୟବହାରର ଆଦର୍ଶ ରୂପେ ବିବେଚିତ ଓ ସମସ୍ତ ବିଶ୍ୱାସକାରୀଣୀ ନାରୀମାନଙ୍କର ତାହା ଅନୁକରଣୀୟ ।

**(୩୩:୨୯-୩୨)** ହେ ନବୀ ! ନିଜ ପତ୍ନୀମାନଙ୍କୁ କୁହ, ଯଦି ତୁମେମାନେ ସାଂସାରିକ ଜୀବନ ଓ ତାହାର ଶୋଭା କାମନା କରୁଛ, ତେବେ ଆସ ତୁମ୍ଭମାନଙ୍କୁ କିଛି ସାଂସାରିକ ସାମଗ୍ରୀ ପ୍ରଦାନ କରି ତୁମମାନଙ୍କୁ ଆର୍ଥିକ ଲାଭ ପହଞ୍ଚାଇବୁ ଏବଂ ଉତ୍ତମ ଢଙ୍ଗରେ ବିଦାୟ କରିଦେବୁ । କିନ୍ତୁ ଯଦି ତୁମେମାନେ ଅଲ୍ଲାଃ ଓ ତାହାଙ୍କର ରସୁଲ (ବାର୍ତ୍ତାବହ) ଏବଂ ପରକାଳର ନିବାସ କାମନା କରୁଛ, ତେବେ ନିଶ୍ଚିତ ରୂପେ ତୁମମାନଙ୍କ ମଧ୍ୟରୁ ଭଲ କର୍ମ କରୁଥିବା (ନାରୀ) ମାନଙ୍କ ସକାଶେ ଅଲ୍ଲାଃ ପ୍ରତିଫଳ ସ୍ୱରୂପ ଏକ ମହାନ ପୁରସ୍କାର ପ୍ରସ୍ତୁତ କରି ରଖିଛନ୍ତି ।

ହେ ନବୀଙ୍କର ପତ୍ନୀମାନେ ! ଯେଉଁମାନେ ବି ତୁମମାନଙ୍କ ମଧ୍ୟରୁ ଉଚ୍ଚ ନୈତିକତାର ବିରୁଦ୍ଧାଚରଣ କରେ ତଥା ଖୋଲାଖୋଲି ଅଶ୍ଳୀଳତାରେ ପଡିବ, ତେବେ ତାହାର ଶାସ୍ତିକୁ ଦ୍ୱିଗୁଣିତ କରାହେବ ଏବଂ ଏହା ଅଲ୍ଲାଃଙ୍କ ପକ୍ଷେ ସହଜସାଧ୍ୟ ।

କିନ୍ତୁ ତୁମମାନଙ୍କ ମଧ୍ୟରୁ ଯେ କେହି ଅଲ୍ଲାଃ ଓ ତାହାଙ୍କର ରସୁଲଙ୍କ ଆଜ୍ଞା ପାଳନ କରିବ ଓ ଉତ୍ତମ କାର୍ଯ୍ୟ କରିବ, ଆମେ ତାହାକୁ ଦୁଇଗୁଣ ପୁରସ୍କାର ପ୍ରଦାନ କରିବୁ । ଆମ୍ଭେ ତାହାଙ୍କ ପାଇଁ ଏକ ସମ୍ମାନ ଜନକ ଜୀବିକା ପ୍ରସ୍ତୁତ କରିଅଛୁ ।

**(୩୩:୩୩-୫)** ହେ ନବୀଙ୍କ ପତ୍ନୀମାନେ ! ଯଦି ତୁମେମାନେ ନିଜ ପଦ ପର୍ଯ୍ୟାଦା ବୁଝୁଥାଅ ଓ ଈଶ୍ୱର ଭୟ ରଖୁଥାଅ, ତେବେ ତୁମେମାନେ

ସାଧାରଣ ମହିଳାମାନଙ୍କ ସଦୃଶ ନୁହେଁ । ତେଣୁ ସରଳ ଓ ସଚ୍ଚୋଟ ଭଙ୍ଗୀରେ କଥା କୁହ । ଅନ୍ୟଥା ଯେଉଁ ବ୍ୟକ୍ତିର ଅନ୍ତର ବ୍ୟାଧିଗ୍ରସ୍ତ, ସେ ତୁମମାନଙ୍କ ସଂକ୍ରାନ୍ତରେ ମନ୍ଦ ଅଭିଳାଷ ପୋଷଣ କରିବାର ସୁଯୋଗ ପାଇବ । ଏବଂ ସର୍ବଦା ପୁଣ୍ୟ କଥା କୁହ ।

ନିଜ ଗୃହରେ ଅବସ୍ଥାନ କର ତଥା ପୂର୍ବବର୍ତ୍ତୀ ଅଜ୍ଞ ଯୁଗର ନାରୀମାନଙ୍କ ପରି ନିଜ ସୌନ୍ଦର୍ଯ୍ୟକୁ (ଅନ୍ୟମାନଙ୍କ ଆଗରେ) ପ୍ରକାଶ କରନାହିଁ ଏବଂ (ସୁଚାରୁ ରୂପେ) ନମାଜ ପାଠ କର ଓ ଜକାତ୍ ଦିଅ ଏବଂ ଅଲ୍ଲାଃ ଓ ତାହାଙ୍କ ଅବତାରଙ୍କର ଆଜ୍ଞା ପାଳନ କର । ହେ ଅବତାରଙ୍କର ପରିବାର ବର୍ଗ ! ଅଲ୍ଲାଃ ତୁମମାନଙ୍କ ଠାରୁ ପ୍ରତ୍ୟେକ ପ୍ରକାର ଅପବିତ୍ରତାକୁ ଦୂର କରି ସଂପୂର୍ଣ୍ଣ ଭାବରେ ପବିତ୍ର କରିବାକୁ ଇଚ୍ଛା କରୁଛନ୍ତି ।

ତୁମମାନଙ୍କ ଗୃହରେ ଯାହାକିଛି ଅଲ୍ଲାଃଙ୍କର ନିଦର୍ଶନ ଓ ତତ୍ତ୍ୱ ବିଷୟରେ ଆବୃତ୍ତି କରାଯାଉଛି, ତାହାକୁ ମନେରଖ । ନିଃସନ୍ଦେହରେ ଅଲ୍ଲାଃ ଅତ୍ୟନ୍ତ ସୂକ୍ଷ୍ମଦର୍ଶୀ (ଓ) ସର୍ବଜ୍ଞାନର ଅଧିକାରୀ ।

ନାରୀ ଓ ପୁରୁଷମାନଙ୍କର ସର୍ବୋତ୍ତମ ଆଚରଣର ମାନ ନିର୍ଦ୍ଧାରଣ ପାଇଁ ଉପର ଲିଖିତ ନିର୍ଦ୍ଦେଶମାନ ଉଦ୍ଦିଷ୍ଟ । ସେମାନେ ସ୍ୱୀୟ ମର୍ଯ୍ୟାଦା ଓ ଆତ୍ମ ସଂଯମ ପ୍ରତ୍ୟେକ ସ୍ଥଳରେ ରକ୍ଷା କରିବା ଉଚିତ୍ । ଧୈର୍ଯ୍ୟ, ନମ୍ରତା ଓ ପବିତ୍ରତା ଇସ୍‌ଲାମୀୟ ସମାଜର ବୈଶିଷ୍ଟ୍ୟ ହେବା ଉଚିତ୍ । ସ୍ତ୍ରୀ ଓ ପୁରୁଷଙ୍କ ସ୍ୱାଧୀନ ଓ ଅବାଧ ମିଳାମିଶା ନିଷେଧ କରାଯାଇଛି । ଉଭୟ ସ୍ତ୍ରୀ ଓ ପୁରୁଷଙ୍କ ଠାରେ କିଛି ପରିମାଣରେ ଶିଷ୍ଟାଚାର ରହିବା ବିଧେୟ । ନାରୀ ଜାତିକୁ ସମସ୍ତ ଉତ୍ପୀଡ଼ନର ଆଶଙ୍କାରୁ ସୁରକ୍ଷିତ ରଖାଯିବା ଉଚିତ୍, ଯେଭଳି ନିର୍ଦ୍ଦେଶ ଦିଆଯାଇଛି :

**(୩୩:୬୦) :** ହେ ନବୀ ! ତୁମେ ନିଜ ପତ୍ନୀମାନଙ୍କୁ, ତୁମର କନ୍ୟାମାନଙ୍କୁ ଓ ବିଶ୍ୱାସକାରୀମାନଙ୍କର ପତ୍ନୀମାନଙ୍କୁ ନିର୍ଦ୍ଦେଶ ଦିଅ ଯେ ଯେତେବେଳେ ସେମାନେ ବାହାରକୁ ଯାଆନ୍ତି, ସେମାନେ ନିଜ ଚାଦର ଯାହାକୁ ସେମାନଙ୍କର ବାହ୍ୟ ଢ଼ିଲା ବସ୍ତ୍ର ରୂପେ ବ୍ୟବହାର କରୁଛନ୍ତି, ତାହାକୁ ମସ୍ତକରୁ ମୁଖମଣ୍ଡଳ ପର୍ଯ୍ୟନ୍ତ ଟାଣି ଘୋଡ଼ାଇ

ଦେବା ଉଚିତ୍ । ଏପରି କରିବା ଦ୍ୱାରା ସେମାନଙ୍କୁ ଚିହ୍ନି ହେବ ଓ ସେମାନଙ୍କୁ ପରିହାସ କରାଯିବ ନାହିଁ । ଅଲ୍ଲାହ ଅତ୍ୟନ୍ତ କ୍ଷମାଶୀଳ (ଓ) ସଦା କରୁଣାମୟ ।

ସ୍ତ୍ରୀ ଓ ପୁରୁଷର ଅବାଧ ତଥା ଅନିୟନ୍ତ୍ରିତ ମିଳାମିଶା ଏବଂ ପୁରୁଷମାନଙ୍କୁ କେବଳ ଆକୃଷ୍ଟ କରିବା ପାଇଁ ସ୍ତ୍ରୀମାନେ ସୁସଜ୍ଜିତ ହୋଇ ବାହାରକୁ ଯିବା ପାଶ୍ଚାତ୍ୟ ସମାଜ ପାଇଁ ମାରାତ୍ମକ ପ୍ରମାଣିତ ହୋଇଛି । ଯଦ୍ଦ୍ୱାରା ଶାଳୀନତା ଓ ଭଦ୍ର ଆଚରଣର ସମସ୍ତ ବିଚାର ପରିତ୍ୟକ୍ତ ହୋଇଛି ଏବଂ ପୂର୍ବରୁ ପ୍ରଚଳିତ ସମସ୍ତ ପୁରାତନ ମୂଲ୍ୟବାନ ସଦାଚାର ଅପମାନ ଓ ଉପହାସର ବିଷୟବସ୍ତୁ ହୋଇଛି । ଏହା ଅତ୍ୟନ୍ତ ଚିନ୍ତାର ବିଷୟ ଯେ ପାଶ୍ଚାତ୍ୟ ପ୍ରଭାବିତ ଏକ ମୁସଲମାନ ଗୋଷ୍ଠୀ ପାଶ୍ଚାତ୍ୟରେ ପ୍ରଚଳିତ ଏହି ଆତ୍ମଘାତୀ ଧାରାକୁ ପ୍ରତିହତ କରିପାରି ନାହାନ୍ତି । ଧର୍ମରେ ନିଷ୍ଠା ରଖି ନିବିଡ଼ ଆନ୍ତରିକତାର ସହ ଆଶା କରାଯାଏ ଯେ ଏହି ବିଚାରଧାରାରେ ଓ ଆଚରଣରେ ଅନ୍ତର୍ନିହିତ ବିପଦମାନ ଲୋକଲୋଚନକୁ ଆସିବ । ଇସ୍‌ଲାମୀୟ ମୂଲ୍ୟବୋଧର ଉପକାର ଜାଣିବା ପରେ ଏହା ଅଧିକ ନିଷ୍ଠାର ସହିତ ଆଦୃତ ହେବ ।

# ହଜରତ ମୁହମ୍ମଦ[ସଅ] ଙ୍କର ନାରୀମାନଙ୍କ ସମ୍ବନ୍ଧରେ ଅତିରିକ୍ତ ନୀତିବାଣୀ

- ମୁଆୱିଆ ଇବ୍ନ୍ ହାଇଦାହ[ରଅ] ବର୍ଣ୍ଣନା କରିଛନ୍ତି, 'ମୁଁ ପବିତ୍ର ଅବତାରଙ୍କୁ ପଚାରିଲି, 'ନିଜର ସ୍ୱାମୀ ଠାରୁ ସ୍ତ୍ରୀର କ'ଣ ଅଧିକାର ଅଛି ?' ସେ କହିଲେ ତୁମେ ନିଜେ ଖାଇବା ବେଳେ ତାକୁ ଖାଇବାକୁ ଦିଅ, ନିଜେ ପୋଷାକ ପିନ୍ଧିବା ବେଳେ ତାକୁ ପୋଷାକ ପିନ୍ଧାଅ । ତା'ର ମୁହଁରେ ଆଘାତ କରନାହିଁ, ତାକୁ ତିରସ୍କାର କରନାହିଁ ଓ ଘର ବ୍ୟତୀତ ଅନ୍ୟତ୍ର ତାକୁ ନିଜ ଠାରୁ ପୃଥକ କରନାହିଁ ।'
- ଅବୁ ହୁରୈରାହ[ରଅ] ବର୍ଣ୍ଣନା କରିଛନ୍ତି ଯେ ପବିତ୍ର ଅବତାର କହୁଥିଲେ 'ଯାହାର ବ୍ୟବହାର ସର୍ବୋତ୍ତମ, ଧର୍ମ ବିଶ୍ୱାସୀମାନଙ୍କ ମଧ୍ୟରେ ସେ ହିଁ ସର୍ବୋତ୍ତମ ଓ ତୁମମାନଙ୍କ ମଧ୍ୟରେ ସେହିମାନେ ହିଁ ସର୍ବୋତ୍ତମ, ଯେଉଁମାନେ ନିଜ ସ୍ତ୍ରୀମାନଙ୍କ ସହିତ ସର୍ବୋତ୍ତମ ବ୍ୟବହାର କରନ୍ତି ।' (ତିରମିଜି)
- ଅବ୍ଦୁଲ୍ଲା ଇବନ୍ ଅମର୍ ଇବନ୍ ଆସ୍[ରଅ] ବର୍ଣ୍ଣନା କରିଛନ୍ତି ଯେ ପବିତ୍ର ଅବତାର କହିଲେ 'ପୃଥିବୀ ଏକ ସର୍ବୋତମ ବନ୍ଦୋବସ୍ତକାରୀ ବ୍ୟବସ୍ଥା । ମାତ୍ର ଏବଂ ପୃଥିବୀର ସର୍ବଶ୍ରେଷ୍ଠ ବନ୍ଦୋବସ୍ତ ହେଉଛି ଜଣେ ଉତ୍ତମ ନାରୀ ।' (ମୁସ୍ଲିମ୍)
- ଆଏଶା ବର୍ଣ୍ଣନା[ରଅ] କରିଛନ୍ତି 'ଜଣେ ନାରୀ ତା'ର ଦୁଇ କନ୍ୟା ସହିତ ମୋ ପାଖକୁ ଭିକ୍ଷା ମାଗିବାକୁ ଆସିଲା । ମୋ ପାଖରେ ଗୋଟିଏ ଖଜୁର୍ ବ୍ୟତୀତ ଅନ୍ୟ କିଛି ନଥିଲା, ଯାହାକି ମୁଁ ତାକୁ ଦେଲି ।ସେ ତାକୁ ତା'ର ଦୁଇ କନ୍ୟାଙ୍କ ମଧ୍ୟରେ ବାଣ୍ଟି ଦେଲା ଓ ନିଜେ ଏଥିରୁ କିଛି ବି ଖାଇଲା ନାହିଁ ।ତା'ପରେ ସେ ଉଠି ଚାଲିଗଲା । ଯେତେବେଳେ ପବିତ୍ର ଅବତାର ଆସିଲେ ମୁଁ ଏହି ଘଟଣା ତାଙ୍କୁ ଜଣାଇଲି ।ସେ କହିଲେ, ଯିଏ ନିଜ କନ୍ୟାମାନଙ୍କୁ ଉପଯୁକ୍ତ ଲାଳନ ପାଳନ କରେ ଓ ସେମାନଙ୍କ ପ୍ରତି ଉତ୍ତମ ଆଚରଣ ଦେଖାଏ, ସେହିମାନେ ହିଁ ନର୍କର ଅଗ୍ନିରୁ ତା' ପାଇଁ ରକ୍ଷା କବଚ ସାଜିବେ ।' (ବୁଖାରି ଓ ମୁସ୍ଲିମ୍)
- ଅବୁଶୁରୈହ୍-ଖ୍ୱାଇଲଦ୍ ଇବ୍ନ ଅମର୍ ଖୁଜାଇ[ରଅ] ବର୍ଣ୍ଣନା କରିଛନ୍ତି ଯେ ପବିତ୍ର ଅବତାର କହିଲେ 'ଦୁଇଟି ଦୁର୍ବଳ ବର୍ଗ ଯେପରି ପିତୃ ମାତୃହୀନ ସନ୍ତାନ (ଅନାଥ) ଏବଂ ନାରୀର ଅଧିକାର ସୁରକ୍ଷାରେ କୌଣସି ବିଫଳତାକୁ ଅଲ୍ଲାଃ ଓ ମୁଁ ପାପ ବୋଲି ଘୋଷଣା କରୁଛୁ' ।(ନିସାଇ)

- ଅବୁ ହୁରୈରାହ[ରଅ] ବର୍ଣ୍ଣନା କରିଛନ୍ତି ଯେ ପବିତ୍ର ଅବତାର କହିଲେ 'ନାରୀମାନଙ୍କ ପ୍ରତି ସଦୟ ଆଚରଣ କର । ନାରୀକୁ ପଞ୍ଜରାର ଅସ୍ଥିରୁ ସୃଷ୍ଟି କରାଯାଇଛି । ପଞ୍ଜରା ମଧ୍ୟରେ ସବୁଠାରୁ ବକ୍ର ପଞ୍ଜରା ହେଉଛି ସବୁଠାରୁ ଉଚ୍ଚରେ ଥିବା ପଞ୍ଜରା । ତୁମେ ଏହାକୁ ସିଧା କରିବାକୁ ଚେଷ୍ଟା କଲେ, ତାହା ଭାଙ୍ଗିଯିବ । ଯଦି ଏହାକୁ ଏକାକୀ ଛାଡ଼ିଦେବ, ତେବେ ତାହା ବକ୍ର ହିଁ ରହିବ । ତେଣୁ ନାରୀମାନଙ୍କ ପ୍ରତି ସଦୟ ଆଚରଣ କର ।' (ବୁଖାରି ଓ ମୁସ୍‌ଲିମ୍)
- ଅବୁ ହୁରୈରାହ[ରଅ] ବର୍ଣ୍ଣନା କରିଛନ୍ତି ଯେ ପବିତ୍ର ଅବତାର କହିଲେ 'କୌଣସି ମୁସଲମାନ ପୁରୁଷ କୌଣସି ଏକ ମୁସଲମାନ ନାରୀ ପ୍ରତି ଘୃଣାଭାବ ପୋଷଣ କରନ୍ତୁ ନାହିଁ । ତା'ର କୌଣସି ଗୋଟିଏ ଗୁଣ ଅପସନ୍ଦ ହେଲେ ମଧ୍ୟ ଅନ୍ୟ କୌଣସି ଗୁଣ ନିଶ୍ଚୟ ପସନ୍ଦଯୋଗ୍ୟ ହୋଇଥିବ ।' (ମୁସ୍‌ଲିମ୍)
- ଅବୁ ହୁରୈରାହ[ରଅ] ବର୍ଣ୍ଣନା କରିଛନ୍ତି ଯେ ପବିତ୍ର ଅବତାର କହିଲେ 'ଯେତେବେଳେ ସ୍ୱାମୀ ତା'ର ପତ୍ନୀକୁ ନିଜ ବିଛଣାକୁ ଡ଼ାକେ, କିନ୍ତୁ ସେ ଆସେ ନାହିଁ । ତଦ୍ଦ୍ୱାରା ଅପମାନିତ ହୋଇ ସେ ରାତ୍ରୀ ଯାପନ କରେ, ଦେବଦୂତମାନେ ସାରା ରାତି ତାକୁ ଅଭିଶାପ ଦେବାରେ ଲାଗିଥାନ୍ତି ।' (ବୁଖାରି)
- ଅବୁ ହୁରୈରାହ[ରଅ] ବର୍ଣ୍ଣନା କରିଛନ୍ତି ଯେ ପବିତ୍ର ଅବତାର କହିଲେ 'କୌଣସି ବ୍ୟକ୍ତି ଅନ୍ୟ କାହାରି ପାଖରେ ନତମସ୍ତକ ହେବାକୁ ଯଦି ନିର୍ଦ୍ଦେଶ ଦେବାର ଥାନ୍ତା, ତେବେ ମୁଁ ନିର୍ଦ୍ଦେଶ ଦେଇଥାନ୍ତି ଯେ ଜଣେ ସ୍ତ୍ରୀ ତାର ସ୍ୱାମୀ ପାଖରେ ହିଁ କେବଳ ନତମସ୍ତକ ହେବ ।' (ତିରମିଜି)
- ଉମ୍ମେ ସଲମାହ[ରଅ] ବର୍ଣ୍ଣନା କରିଛନ୍ତି ଯେ ପବିତ୍ର ଅବତାର ମୁହମ୍ମଦ[ସଅ] କହିଲେ 'ଯଦି କୌଣସି ସ୍ତ୍ରୀ ମୃତ୍ୟୁବରଣ କରେ ଓ ତାର ସ୍ୱାମୀ ତା' ଉପରେ ସନ୍ତୁଷ୍ଟ ଥାଏ, ସେ ଜନ୍ନତ୍ (ବୈକୁଣ୍ଠ)ରେ ପ୍ରବେଶ କରେ ।' (ତିରମିଜି)
- ଉସ୍‌ମାହ ଇବନ ଜଏଦ୍[ରଅ] ବର୍ଣ୍ଣନା କରିଛନ୍ତି ଯେ ପବିତ୍ର ଅବତାର କହିଲେ 'ମୁଁ ପୁରୁଷମାନଙ୍କ ପାଇଁ ନାରୀ ଅପେକ୍ଷା ଅଧିକ କ୍ଷତିକାରକ କୌଣସି ପ୍ରଲୋଭନ ଛାଡ଼ି ଯାଉନାହିଁ ।' (ବୁଖାରି ଓ ମୁସ୍‌ଲିମ୍)
- ଅବୁ ହୁରୈରାହ[ରଅ] ବର୍ଣ୍ଣନା କରିଛନ୍ତି ଯେ ପବିତ୍ର ଅବତାର କହିଲେ 'ଅଲ୍ଲାଃଙ୍କ ମାର୍ଗରେ ତୁମେ ଖର୍ଚ୍ଚ କରୁଥିବା ଅର୍ଥ, ଦରିଦ୍ରକୁ ଦାନ ସ୍ୱରୂପ ଖର୍ଚ୍ଚ କରୁଥିବା ଅର୍ଥ

ଏବଂ ନିଜ ସ୍ତ୍ରୀ ଓ ପିଲାଙ୍କ ପାଇଁ ଖର୍ଚ୍ଚ କରୁଥିବା ଅର୍ଥ ମଧ୍ୟରୁ ପୁରସ୍କାର ଲାଭ ପାଇଁ ସର୍ବୋତ୍ତମ ହେଉଛି, ଯେଉଁ ଅର୍ଥ ତୁମେ ନିଜର ସ୍ତ୍ରୀ ଓ ପିଲାମାନଙ୍କ ପାଇଁ ବ୍ୟୟ କରୁଛ ।' (ମୁସ୍‌ଲିମ୍)

- ସାଦ୍ ଇବନ୍ ଅବି ଓ୍ୱକ୍କାସ୍[ରଅ] ଏକ ଦୀର୍ଘ ହଦିସ୍ ବର୍ଣ୍ଣନା କରିବା ବେଳେ କହିଛନ୍ତି ଯେ ପବିତ୍ର ଅବତାର କହିଲେ 'ଅଲ୍ଲାଃଙ୍କ ସନ୍ତୋଷ ଲାଭ ପାଇଁ ତୁମେ ଯାହା ବି ବ୍ୟୟ କରିବ, ତାର ପୁରସ୍କାର ଅବଶ୍ୟ ପାଇବ । ଏପରିକି ନିଜ ସ୍ତ୍ରୀର ମୁଖରେ ଯେଉଁ ଖାଦ୍ୟ ଦେବ ତାହାର ମଧ୍ୟ ।' (ବୁଖାରି ଓ ମୁସ୍‌ଲିମ୍)
- ଆଏଶା[ରଅ] ବର୍ଣ୍ଣନା କରିଛନ୍ତି 'ମୁଁ ପବିତ୍ର ଅବତାରଙ୍କର କୌଣସି ପତ୍ନୀଙ୍କୁ ଏତେ ଇର୍ଷା କରେ ନାହିଁ, ଯେତିକି ଖଦିଜାଙ୍କ ପ୍ରତି କରିଥାଏ । (ଖଦିଜା[ରଅ] ପବିତ୍ର ଅବତାରଙ୍କର ପ୍ରଥମ ପତ୍ନୀ) ଯଦିଚ ମୁଁ ତାଙ୍କୁ କେବେ ବି ଦେଖିନାହିଁ । ଦିବ୍ୟ ଅବତାର ଅନେକ ସମୟରେ ତାଙ୍କର କଥା କୁହନ୍ତି । ଯେବେ ଖାଦ୍ୟ ପାଇଁ କୌଣସି ଛେଳି ବଧ କରାଯାଏ, ସେ ଏହାକୁ ଛୋଟ ଛୋଟ ଭାଗ କରି ଖଦିଜାଃଙ୍କ ବନ୍ଧୁମାନଙ୍କ ପାଖକୁ ପଠାଇ ଦିଅନ୍ତି । ଏକଦା ମୁଁ ତାଙ୍କୁ ଏ ବିଷୟରେ ପଚାରିଲି, 'ଆପଣ ସବୁବେଳେ ତାଙ୍କରି କଥା ହିଁ କହୁଛନ୍ତି, ସତେ ଯେପରି ଖଦିଜାଃଙ୍କ ବ୍ୟତୀତ ଅନ୍ୟ କୌଣସି ସ୍ତ୍ରୀଲୋକ ଦୁନିଆରେ ନଥିଲେ' ସେ କହିଲେ ସେ ଉଚ୍ଚକୋଟିର ଗୁଣବତୀ ମହିଳା ଥିଲେ ଓ ମୁଁ ତାଙ୍କଠାରୁ ସନ୍ତାନ ସନ୍ତତି ଲାଭ କରିଥିଲି ।' (ବୁଖାରି ଓ ମୁସ୍‌ଲିମ୍)